୬

e-paper www.sambadkalika.in

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

E-mail : sambadkalikanews@gmail.com

The Sambad Kalika

ମୂଲ୍ୟ : ୨.୦୦ ଟଙ୍କା 8 Pages, ₹ 2.00

• ବର୍ଷ–୩୩ • ସଂଖ୍ୟା–୧୪୮ • ୨୬ ଜୁନ୍ ୨୦୨୫, ଗୁରୁବାର • ଭୁବନେଶ୍ୱର • Vol -32 • Issue-148 •26th June 2025, Thursday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ନୂଆଦିଲ୍ଲୀ ଫ୍ରାଞ୍ଚାଇଜର ମାଲିକ ହେଲେ ସଲମାନ ଖାଁ




## ଇ-ରେଜିଷ୍ଟ୍ରେସନ ଆପ୍ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପିତ

# ଆପ୍ ମାଧ୍ୟମରେ ଘରେ ବସି ଜାଣି ହେବ ଜମିର ବେଞ୍ଚ୍ ମାର୍କ ଭାଲ୍ୟୁ



**ଭୁବନେଶ୍ୱର ୨୫/୦୬**
**ନ୍ୟୁଜ ବ୍ୟୁରୋ**

ବାତ୍ୟା, ବନ୍ୟା ଆଦି ବିପର୍ଯ୍ୟୟ ପରିଚାଳନାରେ ଓଡିଶା ଖୁବ ସଫଳ। ଗତ ବର୍ଷ ହୋଇଥିବା ବାତ୍ୟା 'ଦାନା' ସମୟରେ ଆମେ ଜିରୋ କାଜୁଆଲ୍‌ଟି ଲକ୍ଷ୍ୟ ହାସଲ କରିଥିଲୁ। ଆମର ବିପର୍ଯ୍ୟୟ ପରିଚାଳନାରେ ଆମ ଦକ୍ଷତା ଉପରେ ସାରା ବିଶ୍ୱର ନଜର ଅଛି। ତେଣୁ ଆମକୁ ପ୍ରତି ମୁହୂର୍ତ୍ତରେ ପ୍ରସ୍ତୁତ ହୋଇ ରହିବାକୁ ପଡିବ।

ବୁଧବାର ଲୋକସେବା ଭବନରେ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତୁତ ଇ-ରେଜିଷ୍ଟ୍ରେସନ ମୋବାଇଲ ଆପ'ର ଲୋକାର୍ପଣ କରିବା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜସ୍ୱ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ପରାମର୍ଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ରାଜସ୍ୱ ବିଭାଗର ଏକ ବର୍ଷର ସଫଳତା ପୁସ୍ତିକା ମଧ୍ୟ ଉନ୍ମୋଚନ କରିଥିଲେ।

ଆପ୍'ର ଲୋକାର୍ପଣ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଇ-ରେଜିଷ୍ଟ୍ରେସନ ଆପ୍ ଡିଜିଟାଲ ସେବା ପ୍ରଦାନରେ ରାଜ୍ୟ ସରକାରଙ୍କ ଏକ ବଡ ମାଇଲଷ୍ଟୋନ। ଏହି ଆପ୍ ମଧ୍ୟମରେ ଲୋକମାନେ ଘରେ ବସି ଆଣ୍ଡ୍ରଏଡ୍ ମୋବାଇଲ୍ ଫୋନ ମାଧ୍ୟମରେ ରେଜିଷ୍ଟ୍ରେସନ ଡିଡ୍ ପାଇଁ ସ୍ଲଟ ବୁକିଙ୍ଗ, ସାର୍ଟିଫାଏଡ କପି ଓ ଇସି ପାଇଁ ଆବେଦନ କରିପାରିବେ। ଜମିର ବେଞ୍ଚମାର୍କ ଭାଲ୍ୟୁ ମଧ୍ୟ ଏହି ଆପ୍ ମାଧ୍ୟମରେ ଜାଣିହେବ। ଏହି ଆପ୍‌ରେ ସବ୍ ରେଜିଷ୍ଟ୍ରାର ଅଫିସ ସମ୍ପର୍କରେ ମଧ୍ୟ ସମ୍ପୂର୍ଣ୍ଣ ତଥ୍ୟ ମିଳିବ। ଏହାଦ୍ୱାରା ଏହି ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ପେପରଲେସ୍ ଏବଂ କ୍ୟାସଲେସ ହୋଇପାରିଛି। ଏହାଦ୍ୱାରା ସବ୍ ରେଜିଷ୍ଟ୍ରାର ଅଫିସରେ ଅଯଥା ଭିଡ ମଧ୍ୟ ହ୍ରାସ ହୋଇପାରିବ। ରାଜସ୍ୱ ବିଭାଗର ସଫଳତା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ବର୍ଷକ ମଧ୍ୟରେ ବସୁନ୍ଧରା ଯୋଜନା ମାଧ୍ୟମରେ ସରକାର ୧୬,୭୨୭ ଜଣ ବାସଗୃହ ବିହୀନ ଲୋକଙ୍କୁ ଘରବାଡି ପଟ୍ଟା ଯୋଗାଇ ଦେଇଛନ୍ତି। ଗତ ଏକ ବର୍ଷ ମଧ୍ୟରେ ୨୦,୩୮୫ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ହାଇସ୍କୁଲ ଏବଂ କଲେଜ ନାମରେ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି। ସେହିପରି ସ୍ୱତନ୍ତ୍ର (ପୃଷ୍ଠା ୭ରେ)

## ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡକୁ କେନ୍ଦ୍ର ସରକାରଙ୍କ ବଡ଼ ଉପହାର




**ନୂଆଦିଲ୍ଲୀ, ୨୫/୦୬**

ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଅନେକ ବଡ଼ ନିଷ୍ପତ୍ତି ନିଆଯାଇଛି। କେନ୍ଦ୍ର ସରକାର ଉତ୍ତରପ୍ରଦେଶ, ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡକୁ ଏକ ବଡ଼ ଉପହାର ଦେଇଛନ୍ତି। ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏସମ୍ପର୍କରେ ଗଣ ମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ ପୁଣେ ମେଟ୍ରୋର ଲାଇନ-୨ ପାଇଁ ୩,୬୨୬ କୋଟି ଟଙ୍କା ମଞ୍ଜୁର ହୋଇଛି। ସେହିପରି ୫,୯୪୦ କୋଟି ଟଙ୍କାର ସଂଶୋଧିତ ଝରିଆ ମାଷ୍ଟର ପ୍ଲାନକୁ କେନ୍ଦ୍ର କ୍ୟାବିନେଟ୍ ମଞ୍ଜୁର କରିଛି। କେନ୍ଦ୍ରମନ୍ତ୍ରୀ କହିଛନ୍ତି, 'କ୍ୟାବିନେଟ୍ ବୈଠକରେ ୩ଟି ବଡ଼ ନିଷ୍ପତ୍ତି ନିଆଯାଇଛି। ପୁନେ ମେଟ୍ରୋ ସମ୍ପ୍ରସାରଣ ପାଇଁ ୩୬୨୬ କୋଟି ଟଙ୍କା ମଞ୍ଜୁର ହୋଇଛି। ଦ୍ୱିତୀୟତଃ, ଝରିଆ (ଝାଡ଼ଖଣ୍ଡ) ଭୂତଳ ଅଗ୍ନି ନିର୍ବାପନର ଏକ ବହୁତ ପୁରୁଣା ପ୍ରସଙ୍ଗ। ଏଥିପାଇଁ ୫୯୪୦ କୋଟି ଟଙ୍କାର ଏକ ସଂଶୋଧିତ ମାଷ୍ଟର ପ୍ଲାନକୁ ମଞ୍ଜୁର କରାଯାଇଛି। ତୃତୀୟତଃ, ଆଗ୍ରାରେ ୧୧୧ କୋଟି ଟଙ୍କା ବ୍ୟୟରେ ଏକ ଅନ୍ତର୍ଜାତୀୟ ଆଳୁ କେନ୍ଦ୍ର ପ୍ରତିଷ୍ଠା କରାଯିବ।' କ୍ୟାବିନେଟ୍ ପୁଣେ ମେଟ୍ରୋ ରେଳ ପ୍ରକଳ୍ପ ପର୍ଯ୍ୟାୟ-୨କୁ ମଞ୍ଜୁର କରିଛି। ଭନାଜ୍ ରୁ ଚାନ୍ଦନୀ ଚୌକ (କରିଡର-୨ଏ) ଏବଂ ରାମୱାଡି ରୁ ୱାଘୋଲି/ଭିଠଲୱାଡି (କରିଡର-ବି) କୁ ପୂର୍ବରୁ ଥିବା ଭନାଜ୍-ରାମୱାଡି କରିଡରର ପର୍ଯ୍ୟାୟ-୧ ର ସମ୍ପ୍ରସାରଣ ଭାବରେ ମଞ୍ଜୁର କରାଯାଇଛି। ଏହି କରିଡର ୧୨.୭୫ କିଲୋମିଟର ପର୍ଯ୍ୟନ୍ତ ବିସ୍ତାରିତ ହେବ ଏବଂ ଏଥିରେ ୧୩ଟି ଷ୍ଟେସନ ଅନ୍ତର୍ଭୁକ୍ତ ହେବ। କେନ୍ଦ୍ର କ୍ୟାବିନେଟ ଉତ୍ତର ପ୍ରଦେଶର ଆଗ୍ରାର ସିଙ୍ଗନାରେ ଅନ୍ତର୍ଜାତୀୟ ଆଳୁ କେନ୍ଦ୍ରର ଦକ୍ଷିଣ ଏସିଆ ଆଞ୍ଚଳିକ କେନ୍ଦ୍ର ପ୍ରତିଷ୍ଠାକୁ ଅନୁମୋଦନ କରିଛି। ଏହି ନିବେଶର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଳୁ ଉତ୍ପାଦନ, ଅମଳ ପରବର୍ତ୍ତୀ ପରିଚାଳନା ଏବଂ ଖାଦ୍ୟ ଏବଂ ପୁଷ୍ଟି ସୁରକ୍ଷା, ଚାଷୀଙ୍କ ଆୟ ଏବଂ ନୂତନ ନିଯୁକ୍ତି ବୃଦ୍ଧି କରିବା।

## ରାକ୍ଷୀ ପୂର୍ଣ୍ଣିମାରେ ମିଳିବ ସୁଭଦ୍ରାର ତୃତୀୟ କିସ୍ତି

**ଭୁବନେଶ୍ୱର, ୨୫/୦୬**
**ନ୍ୟୁଜ ବ୍ୟୁରୋ**

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ସୁଭଦ୍ରା ସୋସାଇଟିର ଚତୁର୍ଥ ପରିଚାଳନା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ରାକ୍ଷୀ ପୂର୍ଣ୍ଣିମା ଅଗଷ୍ଟ ୯ ତାରିଖରେ ସୁଭଦ୍ରା ତୃତୀୟ କିସ୍ତି ପ୍ରଦାନ ପ୍ରସ୍ତାବକୁ ଏହି ବୈଠକରେ ଅନୁମୋଦନ କରାଯାଇଛି। ସୁଭଦ୍ରା ଯୋଜନାର (ପୃଷ୍ଠା ୭ରେ)

## ୩ଦିନ ଯାଏଁ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୨୫/୦୬**
**ନ୍ୟୁଜ ବ୍ୟୁରୋ**

ଉତ୍ତର ଓଡ଼ିଶା ଓ ପଶ୍ଚିମବଙ୍ଗ ଉପକୂଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୮ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କତା ଜାରି କରାଯାଇଛି। ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ତରଫରୁ ୩ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏଗୁଡ଼ିକ ହେଲା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର। ବର୍ଷା ସମୟରେ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଗର୍ଭକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି। ଦକ୍ଷିଣ ଉତ୍ତରପ୍ରଦେଶର ମଧ୍ୟଭାଗରେ ଏହି ଘୂର୍ଣ୍ଣିବଳୟରୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର (ପୃଷ୍ଠା ୭ରେ)

# ମୋଦୀଙ୍କ 'ଦି ଏମର୍ଜେନ୍ସି ଡାଏରିଜ୍' ଉନ୍ମୋଚିତ




**ନୂଆଦିଲ୍ଲୀ, ୨୫/୦୬**

ଦେଶରେ ଏମର୍ଜେନ୍ସି ଲଗାଯିବାର ୫୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟର ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏମର୍ଜେନ୍ସି ବିରୋଧରେ ପ୍ରସ୍ତାବ ପାରିତ କରାଯାଇଛି। ଏହି ପ୍ରସ୍ତାବରେ ୧୯୭୫ରେ ଲଗାଯାଇଥିବା ଏମର୍ଜେନ୍ସିକୁ ଗଣତନ୍ତ୍ର ଓ ସମ୍ବିଧାନର ହତ୍ୟା ବୋଲି ଉଲ୍ଲେଖ କରାଯାଇଛି ଓ ଏହାକୁ କଡ଼ା ନିନ୍ଦା କରାଯାଇଛି। କେନ୍ଦ୍ର ମନ୍ତ୍ରିମଣ୍ଡଳର ବୈଠକରେ ଏମର୍ଜେନ୍ସିର ଯାତନା ସହିଥିବା ପୀଡ଼ିତଙ୍କ ପାଇଁ ଦୁଇ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସମୟରେ ପ୍ରଧାନମନ୍ତ୍ରୀଙ୍କ ସମେତ ସବୁ ମନ୍ତ୍ରୀ ଛିଡ଼ା ହୋଇଥିଲେ। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବୁଧବାର ନୂଆଦିଲ୍ଲୀରେ 'ଦି ଏମର୍ଜେନ୍ସି ଡାଏରିଜ୍-ଇୟର୍ସ ଦ୍ୟାଟ୍ ଫର୍ଜଡ୍ ଏ ଲିଡର' ପୁସ୍ତକ ଉନ୍ମୋଚନ କରିଛନ୍ତି। ଏହି ପୁସ୍ତକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସେତେବେଳର ଜଣେ ଯୁବ ଆରଏସଏସ ପ୍ରଚାରକ, ଜରୁରୀକାଳୀନ ପରିସ୍ଥିତି ବିରୁଦ୍ଧରେ ଲଢ଼ିବାରେ ଅଭିନୟ କରିଥିବା ଆକର୍ଷଣୀୟ ଭୂମିକା ବିଷୟରେ ବର୍ଣ୍ଣନା କରାଯାଇଛି। ଏହି ପୁସ୍ତକରେ ଶ୍ରୀ ମୋଦୀ ଗଣତନ୍ତ୍ରର ଆଦର୍ଶ ପାଇଁ ଲଢ଼ିବାର ଏକ ସ୍ପଷ୍ଟ ଚିତ୍ର ଦିଆଯାଇଛି। ଶ୍ରୀ ଶାହା ଜରୁରୀକାଳୀନ ପରିସ୍ଥିତିର ୫୦ତମ ବାର୍ଷିକୀ ଅବସରରେ ଆୟୋଜିତ ସମ୍ବିଧାନ ହତ୍ୟା ଦିବସ ୨୦୨୫ କାର୍ଯ୍ୟକ୍ରମରେ ଏହି (ପୃଷ୍ଠା ୭ରେ)

## ଆକ୍ସିଓମ୍ ୪ ମିଶନର ସଫଳ ଲଞ୍ଚ

# ଭାରତର ଶୁଭାଂଶୁ ଶୁକ୍ଲାଙ୍କ ମହାକାଶ ଅଭିମୁଖେ ଯାତ୍ରା

**ନୂଆଦିଲ୍ଲୀ, ୨୫/୦୬**

ମହାକାଶ ଆଭିମୁଖେ ନିଜର ଯାତ୍ରା ଆରମ୍ଭ କରିଲା ଆକ୍ସିଓମ୍ ୪ ମିଶନ। ପାଞ୍ଚଥର ଉଡାଣ ବାତିଲ ହେବା ପରେ ଭାରତର ଶୁଭାଂଶୁ ଶୁକ୍ଲା ପରିଶେଷରେ ବୁଧବାର ଅନ୍ତର୍ଜାତିକ ସ୍ପେସ୍ ଷ୍ଟେସନ (ଆଇଏସ୍ଏସ୍) ଅଭିମୁଖେ ନିଜର ତିନି ମହାକାଶକାରୀ ସାଥିଙ୍କ ସହ ଉଡାଣ ଭରିଛନ୍ତି। ନାସା ଦ୍ୱାରା ପ୍ରଦତ୍ତ ସୂଚନା ଅନୁଯାୟୀ ଏହି ବାଣିଜ୍ୟିକ ମିଶନ ସ୍ପେସ୍ଏକ୍ସର ଫାଲକନ୍ ୯ ରକେଟ୍ ଜରିଆରେ ଆମେରିକାର ଫ୍ଲୋରିଡା ସ୍ଥିତ କେନେଡି ସ୍ପେସ୍ ସେଣ୍ଟରରୁ ଉଡାଣ ଭରି ନୂତନ ସ୍ପେସ୍ଏକ୍ସର ଡ୍ରାଗନ ମହାକାଶଯାନରେ ଯାତ୍ରା କରି ଘୂର୍ଣ୍ଣାୟମାନ ପରୀକ୍ଷଣ କେନ୍ଦ୍ରରେ ପହଞ୍ଚିବେ। ନାସା, ଆକ୍ସିଅମ୍ ସ୍ପେସ୍ ଓ ସ୍ପେସ୍ ଏକ୍ସ ମିଳିତ ଭାବେ ଏହି ଅଭିଯାନର ଅଂଶ ଗ୍ରହଣ କରିଛନ୍ତି। ଯାନଟି ଭାରତୀୟ ସମୟ ବୁଧବାର ମଧ୍ୟାହ୍ନ ୧୨.୦୧ ସମୟରେ ଅନ୍ତର୍ଜାତିକ ସ୍ପେସ୍ ଷ୍ଟେସନ ଅଭିମୁଖେ ଉଡାଣ ଭରିଛି। ଡକିଂ ସମୟ (ପୃଷ୍ଠା ୭ରେ)



### ମହାକାଶଚାରୀ ଶୁଭାଂଶୁଙ୍କୁ ଶୁଭେଚ୍ଛା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ୨୫।୬**

ଭାରତୀୟ ବାୟୁସେନା ଗ୍ରୁପ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଲା ବୁଧବାର ମହାକାଶ ଯାତ୍ରା କରିଛନ୍ତି। ଏନେଇ ଶୁଭାଂଶଙ୍କୁ ସୋସିଆଲ ମିଡିଆ 'ଏକ୍ସ'ରେ ଶୁଭେଚ୍ଛା ଜଣାଇଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ରାଷ୍ଟ୍ରପତି ଲେଖିଛନ୍ତି, ଭାରତ ପାଇଁ ମହାକାଶରେ ଏକ ନୂତନ ମାଇଲଖୁଣ୍ଟ ସୃଷ୍ଟି କରିପାରିଛନ୍ତି ଶୁଭାଂଶୁ। ସମଗ୍ର ଦେଶ ଶୁଭାଂଶୁଙ୍କ ଯାତ୍ରା ପାଇଁ ଉତ୍ସାହିତ ଓ ଗର୍ବିତ। ଭାରତ, ଆମେରିକା, ପୋଲାଣ୍ଡ, ହଙ୍ଗେରୀ ଆକ୍ସିଅମ ମିଶନ ୪ରେ ସାମିଲ ହୋଇଛନ୍ତି। ମହାକାଶଚାରୀ ପ୍ରମାଣ କରିଛନ୍ତି ଯେ, ବିଶ୍ୱ ଗୋଟିଏ ପରିବାର 'ବସୁଧୈବ କୁଟୁମ୍ବକମ୍' ବୋଲି ରାଷ୍ଟ୍ରପତି ଲେଖିଛନ୍ତି। ସେହିପରି ଭାରତୀୟ ବାୟୁସେନା ମଧ୍ୟ ଶୁଭାଂଶୁଙ୍କୁ ଶୁଭେଚ୍ଛା ଜଣାଇଛି। କ୍ୟାପ୍ଟେନ୍ ଶୁଭାଂଶୁ ଶୁକ୍ଲାଙ୍କ (ପୃଷ୍ଠା ୭ରେ)

# ତିନି ସେନାମୁଖ୍ୟଙ୍କୁ ସଂଯୁକ୍ତ ଆଦେଶ ଦେବେ ସିଡିଏସ୍

**ନୂଆଦିଲ୍ଲୀ, ୨୫/୦୬**

ଭାରତୀୟ ସଶସ୍ତ୍ର ବଳ ହେବ ଅତ୍ୟାଧୁନିକ। ଭାରତୀୟ ସଶକ୍ତ ବଳକୁ ଆଧୁନିକୀକରଣ କରିବା ପାଇଁ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ (ସିଡିଏସ) ତଥା ସାମରିକ ବ୍ୟାପାର ବିଭାଗ ସଚିବଙ୍କୁ ନୂଆ କ୍ଷମତା ପଦାନ କରିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ଦେଶର ୩ ସେନା (ସ୍ଥଳ ସେନା, ବାୟୁ ସେନା ଓ ନୌସେନା) ମୁଖ୍ୟଙ୍କୁ ଆଦେଶ ଜାରି କରିପାରିବେ ସିଡିଏସ୍। ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ ଜେନରାଲ ଅନୀଲ ଚୌହାନଙ୍କୁ ଏହି କ୍ଷମତା ଦେଇଛନ୍ତି ପ୍ରତିରକ୍ଷା ମନ୍ତ୍ରୀ। ଏଣିକି ଜଏଣ୍ଟ ଇନଷ୍ଟ୍ରକ୍ସନ୍ ଓ ଜଏଣ୍ଟ ଅର୍ଡର ଜାରି କରିପାରିବେ ସିଡିଏସ୍। ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏକାଠି ହୋଇ କାମ କରିବାକୁ ପଦକ୍ଷେପ ନିଆଯାଇଛି। ଆଗରୁ ପ୍ରତି ସେନା ପାଇଁ



ଇସ୍ୟୁ ହେଉଥିଲା ଭିନ୍ନ ଭିନ୍ନ ଅର୍ଡର। ପୂର୍ବରୁ ପ୍ରଚଳିତ ବ୍ୟବସ୍ଥା ଭିତରେ ଏହା ଏକ ବଡ ପରିବର୍ତ୍ତନ। ପୂର୍ବରୁ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ, ସେନା ପକ୍ଷରୁ କୌଣସି ମାମଲାରେ ପୃଥକ ପୃଥକ ନିର୍ଦ୍ଦେଶ କିମ୍ବା ଆଦେଶ ଦିଆଯାଉଥିଲା। କିନ୍ତୁ ବର୍ତ୍ତମାନ ୩ ସେନା ଭିତରେ ସମନ୍ୱୟ ରକ୍ଷା ଏବଂ ତାଳମେଳକୁ ମଜଭୁତ କରିବା ଉଦ୍ଦେଶ୍ୟରେ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବିବୃତ୍ତି ଜାରି କରି କୁହାଯାଇଛି। (ପୃଷ୍ଠା ୭ରେ)

# ଜନକୈନ୍ଦ୍ରିକ ଶାସନ ବ୍ୟବସ୍ଥା ପାଇଁ ଟେକ୍ନୋଲୋଜିର ବ୍ୟବହାର ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୫/୦୬**
**ନ୍ୟୁଜ ବ୍ୟୁରୋ**

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ବୁଧବାର ପୂର୍ବାହ୍ନରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜନକୈନ୍ଦ୍ରିକ ଶାସନ ପରିଚାଳନା ପାଇଁ ବୈଷୟିକ ଜ୍ଞାନ କୌଶଳର ବ୍ୟାପକ ବ୍ୟବହାର ଉପରେ ମୁଖ୍ୟ ଶାସନ ସଚିବ ଗୁରୁତ୍ୱ ଦେଇଛନ୍ତି। କାର୍ଯ୍ୟକାରୀ ହେଉଥିବା ଜନଶୁଣାଣି ବ୍ୟବସ୍ଥାରେ ବୈଷୟିକ ଜ୍ଞାନ କୌଶଳ କିପରି ସହାୟକ ହୋଇଛି, ସେ ସଂପର୍କରେ ବୈଠକରେ ସମୀକ୍ଷା କରାଯାଇଥିଲା। ୨୦୨୪ ଜୁନ ମାସ ଠାରୁ ବିଭିନ୍ନ ମାଧ୍ୟମରେ ଗୃହୀତ ହୋଇଥିବା ଜନ ଅଭିଯୋଗ ମଧ୍ୟରେ ଅଦ୍ୟାବଧି ଶୁଣାଣି ଫଇସଲା ହାର ୮୨% ହୋଇଛି। ବୈଠକରେ ଜରୁରୀ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ କରୁଥିବା ଅଭିଯୋଗଗୁଡିକ ପାଇଁ ଟେକ୍ନୋଲୋଜି ମାଧ୍ୟମରେ ସ୍ୱତନ୍ତ୍ର ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବାକୁ ଆଲୋଚନା କରାଯାଇଛି। ଏଥି ସହିତ ବିଭିନ୍ନ ସରକାରୀ ସେବା ପ୍ରଦାନର ଗୁଣବତ୍ତାକୁ ଆହୁରି ଉନ୍ନତ କରିବା ଲକ୍ଷ୍ୟରେ ହିତାଧିକାରୀଙ୍କ ଠାରୁ ମତାମତ ଗ୍ରହଣ ପାଇଁ ଆଗାମୀ ଦିନରେ "ଆମ ଶାସନ" ବ୍ୟବସ୍ଥା କାର୍ଯ୍ୟକାରୀ ହେବା ସଂପର୍କରେ ମଧ୍ୟ (ପୃଷ୍ଠା ୭ରେ)

## ଗୁପ୍ତଚର କାର୍ଯ୍ୟ ଅଭିଯୋଗରେ ୩ ଜଣଙ୍କୁ ମୃତ୍ୟୁଦଣ୍ଡ

**ନୂଆଦିଲ୍ଲୀ, ୨୫/୦୬**

ଇସ୍ରାଏଲର ଗୁପ୍ତଚର ସଂସ୍ଥା ମୋସାଦ ପାଇଁ ଗୁପ୍ତଚର କାର୍ଯ୍ୟ କରିଥିବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିବା ତିନି ଜଣଙ୍କୁ ବୁଧବାର ଇରାନ ମୃତ୍ୟୁଦଣ୍ଡ ଦେଇଛି। ଜୁନ୍ ୧୪ ଏବଂ ଜୁନ୍ ୨୩ ତାରିଖରେ ମଧ୍ୟ ସମାନ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ସଂଘର୍ଷ ସମୟରେ ଇସ୍ରାଏଲ ପାଇଁ ଗୁପ୍ତଚର କାର୍ଯ୍ୟ କରୁଥିବା ସନ୍ଦେହରେ ଇରାନରେ ୭୦୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି। ସ୍ଥାନୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଇରାନୀ ଗୁପ୍ତଚର ଏବଂ ସୁରକ୍ଷା ବାହିନୀ ଅଧିକାଂଶ ଗିରଫଦାରୀ କେରମାନଶାହ, ଇସଫାହାନ, ଖୁଜେସ୍ତାନ, ଫାର୍ସ ଏବଂ ଲୋରେସ୍ତାନ ପ୍ରଦେଶରେ କରିଥିଲେ।

## ଏକାଳ ପଖାଳ



କାଳିଆ ସାଆନ୍ତେ ଦାଣ୍ଡକୁ ଆସିବେ
ଭଉଣୀ ଭାଇଙ୍କ ସହ
ଭକତଙ୍କ ଭିଡେ ଦୋହଲି ଦୋହଲି
ହସିବ କାଳିଆ ମୁହଁ
ଗ୍ରାସ କରିବ ଭକତି ମୋହ
ରଙ୍ଗ ଅଧର, ଚକାଆଖି ଯୋଡା
ଦେଖି ଉଠିବ କୋହ ।।

# ଅପରେସନ ସିନ୍ଧୁ – ସୁରକ୍ଷିତ ଭାରତ ଫେରିଲେଣି ୩୧୫୪ ଭାରତୀୟ ନାଗରିକ



**ନୂଆଦିଲ୍ଲୀ, ୨୫/୦୬**

ଅପରେସନ ସିନ୍ଧୁ ଅଧୀନରେ ଇରାନରୁ ମୋଟ ତିନି ହଜାର ୧୫୪ ଜଣ ଭାରତୀୟ ନାଗରିକଙ୍କୁ ଭାରତ ଅଣାଯାଇଛି। ବୁଧବାର ସନ୍ଧ୍ୟାରେ ଇରାନର ମାଶହାଦରୁ ୨୯୬ ଜଣ ଭାରତୀୟ ଏବଂ ଚାରି ଜଣ ନେପାଳୀ ନାଗରିକଙ୍କୁ ନେଇ ଏକ ବିମାନ ନୂଆଦିଲ୍ଲୀରେ ପହଞ୍ଚିଛି।

ଏହା ବ୍ୟତୀତ, ଅପରେସନ ସିନ୍ଧୁରେ ଏପର୍ଯ୍ୟନ୍ତ ମୋଟ ଆଠ ଶହ ୧୮ ଜଣ ଭାରତୀୟ ନାଗରିକ ଇସ୍ରାଏଲରୁ ସ୍ୱଦେଶ ଫେରିଛନ୍ତି। କେନ୍ଦ୍ର ଶ୍ରମ, ନିଯୁକ୍ତି ଏବଂ ଏମଏସଏମଇ ରାଷ୍ଟ୍ରମନ୍ତ୍ରୀ ଶୋଭା କରନ୍ଦଲାଜେ ବୁଧବାର ଭାରତୀୟ ବାୟୁସେନା ବିମାନରେ ଇସ୍ରାଏଲରୁ ଭାରତ ଫେରିଥିବା ୨୨୪ ଜଣ ଭାରତୀୟ ନାଗରିକଙ୍କୁ ସ୍ୱାଗତ କରିଛନ୍ତି। ବୈଦେଶିକ ମନ୍ତ୍ରଣାଳୟ କହିଛି, ଭାରତୀୟ ନାଗରିକଙ୍କ ସୁରକ୍ଷା ସରକାରଙ୍କ ପ୍ରାଥମିକତା।

## ରାଜ୍ୟରେ ୨୦୩୬ ସୁଦ୍ଧା ୫୦% ଇଭି ପଞ୍ଜୀକରଣ ଲକ୍ଷ୍ୟ

**ଭୁବନେଶ୍ୱର, ୨୫/୦୬**
**ନ୍ୟୁଜ ବ୍ୟୁରୋ**

ସ୍ୱଚ୍ଛ ଏବଂ ସ୍ଥାୟୀ ଗତିଶୀଳତା ଦିଗରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଓଡ଼ିଶା ସରକାରଙ୍କ ବାଣିଜ୍ୟ ଏବଂ ପରିବହନ ବିଭାଗ ଏବଂ ଶକ୍ତି ବିଭାଗ ମିଳିତ ଭାବରେ ଓଡ଼ିଶା ବୈଦ୍ୟୁତିକ ଯାନ (ଇଭି) ନୀତି ୨.୦ ଉପରେ ବିଚାର ବିମର୍ଶ କରିବା ପାଇଁ ବୁଧବାର ଏକ ଉଚ୍ଚସ୍ତରୀୟ ମନ୍ଥନ ବୈଠକ ଆୟୋଜନ କରିଥିଲେ। ଏହି ବୈଠକ ବାଣିଜ୍ୟ ଏବଂ ପରିବହନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ଏବଂ ଶକ୍ତି ବିଭାଗର ପ୍ରମୁଖ ସଚିବ ବିଶାଳ କୁମାର ଦେବଙ୍କ ସହ-ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ବୈଦ୍ୟୁତିକ ଗତିଶୀଳତା ପରିବର୍ତ୍ତନକୁ ଆଗକୁ ବଢ଼ାଇବା ଏବଂ ପ୍ରମୁଖ ଲକ୍ଷ୍ୟ ହାସଲ କରିବା ପାଇଁ ଉଭୟ ବିଭାଗର ବରିଷ୍ଠ ଅଧିକାରୀମାନେ ବ୍ୟାପକ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୨୦୩୬ ସୁଦ୍ଧା ସମସ୍ତ ନୂତନ ଯାନ ପଞ୍ଜିକରଣରେ ଅତି କମରେ ୫୦% ବ୍ୟାଟେରୀ ବୈଦ୍ୟୁତିକ ଯାନ ଲକ୍ଷ୍ୟ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ଇଭି ଯାନ ପଞ୍ଜୀକରଣ ବୃଦ୍ଧି ପାଉଛି। ୨୦୨୧ ମସିହାରେ ୧.୧୬% ଇଭି ପଞ୍ଜୀକରଣ ଠାରୁ ୨୦ ଜୁନ୍ ୨୦୨୫ ସୁଦ୍ଧା ୮.୭୧% ପର୍ଯ୍ୟନ୍ତ ପଞ୍ଜୀକରଣ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାରେ ବର୍ତ୍ତମାନ ୫୫୦ ରୁ ଅଧିକ ପବ୍ଲିକ୍ ଚାର୍ଜିଂ ଷ୍ଟେସନ୍ ଅଛି, ଯେଉଁଥିରେ ଦୁଇ ଚକିଆ ଓଇଏମ୍, ଡିସକମ ଏବଂ ତୈଳ ମାର୍କେଟିଂ କମ୍ପାନୀଗୁଡ଼ିକ ଦ୍ୱାରା ପରିଚାଳିତ କ୍ୟାପ୍ଟିଭ୍ ଭିତ୍ତିଭୂମି (ପୃଷ୍ଠା ୭ରେ)





# ୨୮ ଖଣ୍ଡ କେନ୍ଦୁ ଗଣ୍ଡି ସହ ଟ୍ରାକ୍ଟର ଜବତ:୨ କୋର୍ଟ ଚାଲାଣ

**ପାଟଣାଗଡ଼, ନ୍ୟୁଜ୍ ବ୍ୟୁରୋ**

ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ହରିଶଙ୍କର ବନବିଭାଗ ରେଞ୍ଜ ତରଫରୁ ଚଢ଼ଉ କରି ସୋମବାର ରାତିରେ କେନ୍ଦୁ ଗଣ୍ଡି ସହ ଏକ ନମ୍ବର ବିହୀନ ଟ୍ରାକ୍ଟର ଜବତ କରିଥିବା ବନବିଭାଗ ସୂଚନା ଦେଇଛି । ସୂଚନା ଅନୁଯାୟୀ ହରିଶଙ୍କର ବନଖଣ୍ଡ ଅଧିନସ୍ଥ ତୁର୍ଲା ଗ୍ରାମରୁ କେନ୍ଦୁ ଗଣ୍ଡି ଚୋରା ଚାଲାଣ ହେଉଥିବା ନେଇ ହରିଶଙ୍କର ବନାଞ୍ଚଳ କୌଣସି ସୂତ୍ରରୁ ଖବରପାଇ ବନାଞ୍ଚଳ ଅଧିକାରୀ ଅରବିନ୍ଦ ନାଏକଙ୍କ ନେତୃତ୍ୱରେ କେନ୍ଦୁଗଣ୍ଡି ସହ ଗାଡି ଜବତ କରିଥିଲେ । ଏହି ଚଢ଼ଉ ସମୟରେ ଚୋରା ଚାଲାଣର ମୁଖ୍ୟ ଆରୋପି ତୁର୍ଲା ଗ୍ରାମର ମନିଲାଲ ଛତରକୁ ଟ୍ରାକ୍ଟର ସହିତ ଗିରଫ କରିଥିଲେ । ଗାଡ଼ି ଓ କାଠ ଜବତ କରି ବନ ବିଭାଗ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲିଥିବା ହରିଶଙ୍କର ରେଞ୍ଜ ଅଧିକାରୀ ଅରବିନ୍ଦ ନାଏକ ପ୍ରକାଶ କରିଛନ୍ତି । ଚଢ଼ଉ ବେଳେ ବନପାଳ ସୁଧିର କୁମାର ଜେନା, ରଞ୍ଜିତ କୁମ୍ଭାର, ବିପିନ ସାହୁ, ସଞ୍ଜୀବ ପଧାନ, ବନରକ୍ଷୀ ରାଜେନ୍ଦ୍ର ଧରୁଆ ସହ ଅନ୍ୟାନ୍ୟ ବନ୍ୟଜନ୍ତୁ ପ୍ରୋଟେକ୍ସନ ସ୍କ୍ୱାର୍ଡ ଧରିବାରେ ସାହାଯ୍ୟ କରିଥିଲେ ।

# ରଥଯାତ୍ରା ପାଇଁ ପୂର୍ବତଟ ରେଳପଥ ଦ୍ୱାରା 'ଇକୋର ଯାତ୍ରା' ଆପ୍ ଲଞ୍ଚ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ପୁରୀରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ୨୦୨୫ରେ ଯୋଗଦାନ କରୁଥିବା ଲକ୍ଷ ଲକ୍ଷ ତୀର୍ଥଯାତ୍ରୀଙ୍କୁ ପ୍ରକୃତ-ସମୟ, ନିର୍ଭରଯୋଗ୍ୟ ଏବଂ ସୁଲଭ ରେଳ ସେବା ପ୍ରଦାନ କରିବା ଲକ୍ଷ୍ୟରେ ପୂର୍ବତଟ ରେଳପଥ 'ଇକୋର ଯାତ୍ରା' ନାମକ ଏକ ଉତ୍ସର୍ଗୀକୃତ ମୋବାଇଲ୍ ଆପ୍ ଲଞ୍ଚ କରିଛି । ଏହି ଆଣ୍ଡ୍ରଏଡ୍-ଆଧାରିତ ମୋବାଇଲ୍ ଆପ୍ ବର୍ତ୍ତମାନ ଗୁଗୁଲ୍ ପ୍ଲେ ଷ୍ଟୋର୍‌ରେ ଉପଲବ୍ଧ ଏବଂ ମହୋତ୍ସବ ସମୟରେ ସମସ୍ତ ରେଳ-ସମ୍ବନ୍ଧୀୟ ସେବା ଏବଂ ଯାତ୍ରୀ ସୁବିଧା ପାଇଁ ଏକ ବ୍ୟାପକ ଡିଜିଟାଲ୍ ମାର୍ଗଦର୍ଶିକା ପ୍ରଦାନ କରିବ । ଏହି ଆପ୍ ସ୍ୱତନ୍ତ୍ର ଭାବରେ ରଥଯାତ୍ରା ୨୦୨୫ ସମୟରେ ଯାତ୍ରା କରୁଥିବା ତୀର୍ଥଯାତ୍ରୀ ଏବଂ ରେଳ ବ୍ୟବହାରକାରୀଙ୍କ ପାଇଁ ବ୍ୟାପକ ଏବଂ ବାସ୍ତବ-ସମୟ ସୂଚନା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଛି । ଆପଣଙ୍କର ଡିଜିଟାଲ୍ ରଥଯାତ୍ରା ସାଥୀ ଇକୋର ଯାତ୍ରା ଆପ୍ ହେଉଛି ଯାତ୍ରୀମାନଙ୍କ ପାଇଁ ସେମାନଙ୍କର ଯାତ୍ରା ଯୋଜନା କରିବା, ପରିବହନ ସେବା ପାଇବା ଏବଂ ରେଳ ସୁବିଧା ସମ୍ବନ୍ଧୀୟ ଅପଡେଟ୍ ପାଇବା ପାଇଁ ଏକ ୱାନ୍-ଷ୍ଟପ୍ ଡିଜିଟାଲ୍ ସମାଧାନ୍ - ରେଳ ଷ୍ଟେସନ୍ କିମ୍ବା କାଉଣ୍ଟରକୁ ଯିବାର ଆବଶ୍ୟକତା ନାହିଁ । ସହଜ ନେଭିଗେସନ୍ ଏବଂ ବହୁଭାଷୀ ସହାୟତା ସହିତ ଏହି ଆପ୍ ସାରା ଦେଶରୁ ଉପଭୋକ୍ତାମାନଙ୍କୁ ସେବା ଯୋଗାଇପାରିବ । ଇକୋର ଯାତ୍ରା ଆପର ମୁଖ୍ୟାଂଶ ସ୍ୱତନ୍ତ୍ର ଟ୍ରେନ୍ ସୂଚୀ: ରଥଯାତ୍ରା ୨୦୨୫ ପାଇଁ ବିଶେଷ ଭାବରେ ଚାଲୁଥିବା ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଏକ ସମ୍ପୂର୍ଣ୍ଣ ତାଲିକା ଉପଲବ୍ଧ । ଯେଉଁଥିରେ ଟ୍ରେନ୍ ନମ୍ବର, ସମୟ ଏବଂ ରହଣି ସ୍ଥାନ ଅନ୍ତର୍ଭୁକ୍ତ । ତୀର୍ଥଯାତ୍ରୀମାନେ ଏହାର ବ୍ୟବହାର କରି ସେମାନଙ୍କର ଯାତ୍ରାର ଯୋଜନା ପୂର୍ବରୁ କରିପାରିବେ । ନିୟମିତ ଟ୍ରେନ୍ ସମୟ ସାରଣୀ: ଉପଭୋକ୍ତାମାନେ ଦୂରଗାମୀ ଏବଂ ଇଣ୍ଟରସିଟି ସେବା ସମେତ ପୁରୀକୁ ଏବଂ ପୁରୀରୁ ଚଳାଚଳ କରୁଥିବା ସମସ୍ତ ନିୟମିତ ଟ୍ରେନ୍‌ର ଅପଡେଟ୍ ସମୟସାରଣୀ ମଧ୍ୟ ବ୍ରାଉଜ୍ କରିପାରିବେ । ଲାଇଭ୍ ଟ୍ରେନ୍ ଏବଂ ପ୍ଲାଟ୍‌ଫର୍ମ ସୂଚନା:ପୁରୀ ଷ୍ଟେସନ୍‌ରେ ପ୍ରକୃତ ସମୟ ଟ୍ରେନ୍ ଚାଳନ ସ୍ଥିତି, ଆଗମନ/ପ୍ରସ୍ଥାନ ସମୟ ଏବଂ ପ୍ଲାଟ୍‌ଫର୍ମ ଆବଣ୍ଟନ, ମାନୁଆଲ୍ ଘୋଷଣା ଉପରେ ନିର୍ଭରତା ହ୍ରାସ କରନ୍ତୁ । ଯାତ୍ରୀ ସେବାକୁ ସରଳ କରାଯାଇଛି: ରହଣି ଏବଂ ପର୍ଯ୍ୟଟନ ସୁବିଧା IRCTC ସହିତ ସମନ୍ୱୟ ଉପଲବ୍ଧ ଅବକାଶ କୋଠରୀ, ପର୍ଯ୍ୟଟନ ହଟ୍ ଏବଂ ଅସ୍ଥାୟୀ ମେଳା ବାସସ୍ଥାନ ବିଷୟରେ ସୂଚନା ପ୍ରଦାନ କରେ ଯାହା ଭକ୍ତମାନଙ୍କୁ ଆଧ୍ୟାତ୍ମିକ ଯାତ୍ରା ସମୟରେ ବିଶ୍ରାମ ସ୍ଥାନ ଖୋଜିବାରେ ସାହାଯ୍ୟ କରେ । ଟିକେଟ କାଉଣ୍ଟର ଏବଂ ବୁକିଂ ସହାୟତା: ପୁରୀ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ୍‌ରେ ସ୍ୱତନ୍ତ୍ର ଟିକେଟ କାଉଣ୍ଟର ବିଷୟରେ ବିବରଣୀ ଯୋଡାଯାଇଛି । ବୁକିଂ ବିକଳ୍ପଗୁଡ଼ିକରେ ମୋବାଇଲ୍ ସହାୟତାରେ UTS ସହିତ ସଂରକ୍ଷିତ ଏବଂ ଅଣସଂରକ୍ଷିତ ଟିକେଟ୍ ଉଭୟ ଅନ୍ତର୍ଭୁକ୍ତ । ଆପଣଙ୍କ ଆଙ୍ଗୁଠି ଟିପରେ ସୂଚନା ଅନୁସନ୍ଧାନ ଏବଂ ନାଭିଗେସନ୍ ଉପକରଣ NTES ଏବଂ PNR ସ୍ଥିତି ସହିତ ଲିଙ୍କ୍ ହୋଇଥିବା, ଆପ୍ ସୁଗମ ଉଡ଼ା ଅନୁସନ୍ଧାନ, ସିଟ୍ ଉପଲବ୍ଧତା ଯାଞ୍ଚ ପାଇଁ ଅନୁମତି ଦିଏ ଏବଂ ଆପଣଙ୍କ ଯାତ୍ରାକୁ ଭଲ ଭାବରେ ନେଭିଗେଟ୍ କରିବାରେ ସାହାଯ୍ୟ କରେ । ସହଜ ଯାତ୍ରା ପାଇଁ ଭିଡିଓ ଟ୍ୟୁଟୋରିଆଲ୍:ଡିଜିଟାଲ୍ ସାକ୍ଷରତା ପାଇଁ ସ୍ୱୟଂଚାଳିତ ଟିକେଟ୍ ଭେଣ୍ଡିଂ ମେସିନ୍ (ATVM) ବ୍ୟବହାର ଏବଂ UTS ମୋବାଇଲ୍ ଆପ୍ ମାଧ୍ୟମରେ ବୁକିଂ ବିଷୟରେ ସଂକ୍ଷିପ୍ତ, ସୂଚନାପ୍ରଦ ଭିଡିଓ ଅନ୍ତର୍ଭୁକ୍ତ କରାଯାଇଛି । ସୁରକ୍ଷା, ପରିଷ୍କାର ପରିଚ୍ଛନ୍ନତା ଏବଂ ଆରାମ ସୁନିଶ୍ଚିତ କରିବା ଯାତ୍ରୀ ସୁବିଧା:ଇକୋର ଯାତ୍ରା ଆପ୍ ପ୍ରତ୍ୟେକ ଯାତ୍ରୀଙ୍କୁ ଉପଲବ୍ଧ ସୁବିଧାଗୁଡ଼ିକ ବିଷୟରେ ଭଲ ଭାବରେ ଅବଗତ କରାଇବା ନିଶ୍ଚିତ କରେ ଯେପରିକି: ପାନୀୟ ଜଳ ଏବଂ ଇ-କ୍ୟାଟରିଂ, ଚିକିତ୍ସା ସହାୟତା ବୁଥ୍, ପରିଷ୍କାର ପରିଚ୍ଛନ୍ନତା ଏବଂ ପରିମଳ, ଦିବ୍ୟାଙ୍ଗଜନଙ୍କ ପାଇଁ ହ୍ୱିଲଚେୟାର ପ୍ରବେଶ, ବରିଷ୍ଠ ନାଗରିକଙ୍କ ପାଇଁ ବ୍ୟାଟେରୀ-ଚାଳିତ ଯାନ, ସାର୍ବଜନୀନ ଶୌଚାଳୟ ଏବଂ ମିଷ୍ଟିଂ ଫ୍ୟାନ୍, ପୁରୀ ଏବଂ ଅନ୍ୟାନ୍ୟ ପ୍ରମୁଖ ଷ୍ଟେସନ୍‌ଗୁଡ଼ିକରେ ମାଗଣା ୱାଇ-ଫାଇ, ସଂଯୁକ୍ତ ଏବଂ ଅବଗତ ରୁହନ୍ତୁ, ଜରୁରୀକାଳୀନ ଏବଂ ହେଲ୍ପଲାଇନ୍ ନମ୍ବର ଆପ୍‌ରେ କ୍ଲିକ୍-ଟୁ-ଡାଏଲ୍ ହେଲ୍ପଲାଇନ୍ ଅନ୍ତର୍ଭୁକ୍ତ । ରେଳବାଇ ପୋଲିସ, ଡାକ୍ତରୀ ସହାୟତା, ହଜିଯାଇଥିବା ସାମଗ୍ରୀ ଏବଂ ନିଖୋଜ ବ୍ୟକ୍ତି ସହାୟତା, ଅଭିଯୋଗ ସମାଧାନ, ଯାତ୍ରୀମାନଙ୍କୁ ତୁରନ୍ତ ସତର୍କ କରିବା ପାଇଁ ଜରୁରୀକାଳୀନ ସୂଚନା ମଧ୍ୟ ପ୍ରକୃତ ସମୟରେ ପଠାଯିବ ।




ଭକ୍ତମାନଙ୍କ ପାଇଁ କ'ଣ କରିବେ ଏବଂ କ'ଣ କରିବେ ନାହିଁ: ଏକ ସୁଗମ ଏବଂ ସୁରକ୍ଷିତ ମହାଉତ୍ସବ ଅନୁଭୂତି ସୁନିଶ୍ଚିତ କରିବା ପାଇଁ, ଆପ୍ ନିମ୍ନଲିଖିତ ବିଷୟରେ ବିସ୍ତୃତ ନିର୍ଦ୍ଦେଶାବଳୀ ଏବଂ ପରାମର୍ଶ ପ୍ରଦାନ କରେ । ଭିଡ଼ ନିୟନ୍ତ୍ରଣ ଏବଂ ଗତିବିଧି, ଜଳୀୟ ରହିବା ଏବଂ ସୁରକ୍ଷାମୂଳକ ଉପକରଣ ପିନ୍ଧିବା ଭିଡ଼ ଅଞ୍ଚଳକୁ ଏଡାଇବା, ଅନୁପସ୍ଥିତ ବ୍ୟାଗେଜ କିମ୍ବା ସନ୍ଦେହଜନକ କାର୍ଯ୍ୟକଳାପ ରିପୋର୍ଟ କରିବା, ବରିଷ୍ଠ ନାଗରିକ ଏବଂ ପିଲାମାନଙ୍କ ପାଇଁ ନିର୍ଦ୍ଦେଶାବଳୀ, ଜନସାଧାରଣଙ୍କ ପାଇଁ ପୂର୍ବତଟ ରେଳପଥର ବାର୍ତ୍ତା, ପୂର୍ବତଟ ରେଳପଥ ସମସ୍ତ ତୀର୍ଥଯାତ୍ରୀଙ୍କୁ ଇକୋର ଯାତ୍ରା ଆପ୍‌ର ସର୍ବୋତ୍ତମ ବ୍ୟବହାର କରିବାକୁ ଆମନ୍ତ୍ରଣ କରୁଛି । ଏହି ପଦକ୍ଷେପ ସମସ୍ତ ନାଗରିକଙ୍କୁ ଡିଜିଟାଲ୍ ସେବା ଏବଂ ଶୀଘ୍ର ଓ ସୁଲଭ ସେବା ପ୍ରଦାନ କରିବା ପାଇଁ ଆମର ଚାଲୁଥିବା ପ୍ରୟାସର ଏକ ଅଂଶ । କିପରି ଡାଉନ୍‌ଲୋଡ୍ କରିବେ । Google Play Store ଖୋଲନ୍ତୁ 'ECoR ଯାତ୍ରା' ଖୋଜନ୍ତୁ ଡାଉନ୍‌ଲୋଡ୍ ଟ୍ୟାପ୍ କରନ୍ତୁ । ପୂର୍ବତଟ ରେଳପଥ ସହିତ ଆପଣଙ୍କର ଡିଜିଟାଲ୍ ଯାତ୍ରା ଆରମ୍ଭ କରନ୍ତୁ । ରଥଯାତ୍ରା ମହାଉତ୍ସବରେ ଯୋଗଦାନ କରୁଥିବା ସମସ୍ତ ଯାତ୍ରୀ ଏବଂ ତୀର୍ଥଯାତ୍ରୀଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇବା ଏବଂ ଅନାବଶ୍ୟକ ବିଳମ୍ବକୁ ଏଡାଇବା ପାଇଁ Google Play Storeରୁ ECoR ଯାତ୍ରା ଆପ୍ ଡାଉନ୍‌ଲୋଡ୍ କରିବାକୁ ଦୃଢ଼ ପରାମର୍ଶ ଦିଆଯାଇଛି । ପୂର୍ବତଟ ରେଳପଥ ୨୦୨୫ ରଥଯାତ୍ରା ସମୟରେ ସମସ୍ତ ଭକ୍ତଙ୍କ ପାଇଁ ଏକ ସୁରକ୍ଷିତ, ଆରାମଦାୟକ ଏବଂ ଡିଜିଟାଲ୍ ସଶକ୍ତ ଯାତ୍ରା ଅଭିଜ୍ଞତା ସୁନିଶ୍ଚିତ କରିବା ପାଇଁ ପ୍ରତିବଦ୍ଧ । 'ECoR ଯାତ୍ରା' ଆପ୍ ଅନୁସନ୍ଧାନ ଏବଂ ଟିକେଟ୍ କାଉଣ୍ଟରରେ ଭିଡ଼କୁ ହ୍ରାସ କରିବା ସହିତ ଏକ ସୁଗମ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବାରେ ଏକ ପଦକ୍ଷେପ ।

# କେନ୍ଦୁଝରରେ ଗାଡ଼ି ଚେକିଂ ଜୋର୍‌ଦାର୍:ସାବାଡ଼ ହେବେ ଅମାନିଆ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**



କେନ୍ଦୁଝର ଟାଉନ୍ ଥାନା ପରିସରରେ କେନ୍ଦୁଝର ଟ୍ରାଫିକ୍ ଥାନା ଖୋଲିବା ପରେ ଏବେ ସେଠାରେ ଜଣେ ସବ୍‌ଇନିସ୍ପେକ୍ଟର କିରଣ ପ୍ରସାଦ ସାହୁ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । କେନ୍ଦୁଝରର ଟ୍ରାଫିକ୍ ସମସ୍ୟା ଉଦ୍‌ବେଗଜନକ ଥିବାବେଳେ କର୍ମଚାରୀ ଅଭାବରୁ ଚେକିଙ୍ଗରେ ସମସ୍ୟା ସୃଷ୍ଟି ହେଉଥିଲା । ଅମାନିଆ ଗାଡି ଚାଳକ ଓ ମଦୁଆ ଗାଡି ଚାଳକ ଏହାର ଭରପୁର ଫାଇଦା ଉଠାଉଥିଲେ । ଏବେ କିନ୍ତୁ ଆଉ ନିସ୍ତାର ନାହିଁ । କେନ୍ଦୁଝର ସହର, ମଣ୍ଡୁଆ ନରଣପୁର, କେନ୍ଦୁଝର ବାଇପାସ୍, ଧୁରୁପଦା କଲେଜ ରୋଡ଼ ପରି ଭିଡ଼ ଓ ବ୍ୟସ୍ତ ବହୁଳ ଜାଗାମାନଙ୍କରେ ଚେକିଙ୍ଗକୁ ଜୋର୍‌ଦାର୍ କରାଯିବ । ବିଶେଷ କରି ପ୍ରତିଦିନ ହେଲ୍‌ମେଟ୍ ଚେକିଙ୍ଗ ସହିତ ଗାଡିଚାଳକଙ୍କ ଲାଇସେନ୍ସ, ଇନସୁରାନ୍ସ, ରଙ୍ଗ ସାଇଡ ପାର୍କିଙ୍ଗ, ରଙ୍ଗ ସାଇଡ ଡ୍ରାଇଭିଙ୍ଗ, ଟ୍ରାକ୍ଟର ଚାଳକଙ୍କ ଲାଇସେନ୍ସ ଓ ମଦ୍ୟପାନ କରି ଗାଡି ଚଲାଇବା ଉପରେ କଠୋର ଚେକିଙ୍ଗ କରାଯିବ ବୋଲି ଟାଉନ୍ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ସାହୁ କହିଛନ୍ତି । ଏବେ ଦୈନିକ ଅତି କମ୍‌ରେ ୨୦୦ରୁ ଉର୍ଦ୍ଧ୍ୱ ଗାଡି ଚେକିଙ୍ଗ କରାଯିବ । ପରେ ଏହାକୁ ବ୍ୟାପକ କରାଯିବ । ଦୈନିକ ଚେକିଙ୍ଗ କରାଯାଇ ଏବେ ଲକ୍ଷାଧିକ ଟଙ୍କା ଜରିମାନା ଆଦାୟ କରାଯାଉଥିବା ବେଳେ ଏବେ ଟ୍ରାଫିକ ଥାନା ଅଧିକାରୀ ଭାବେ କିରଣ ପ୍ରସାଦ ସାହୁଙ୍କ ଯୋଗଦାନ ପରେ ଚେକିଙ୍ଗ ଆହୁରି ବ୍ୟାପକ କରାଯିବ ବୋଲି ସେ କହିଛନ୍ତି । କେନ୍ଦୁଝର ଟାଉନ୍‌ର ସମସ୍ତ ଟ୍ରାଫିକ୍ ପୋଷ୍ଟ କ୍ୟାମେରା ଗୁଡିକୁ ସକ୍ରିୟ କରାଯାଇଥିବା ବେଳେ, ଦ୍ରୁତଗତିର ଗାଡି ଚଳକଙ୍କୁ ଏହି କ୍ୟାମେରା ମାଧ୍ୟମରେ ଫାଇନ୍ କଟାଯିବ । ରାସ୍ତାରେ ଦ୍ରୁତ ଗତିରେ ସର୍ପିଳ ଗତିରେ କିମ୍ବା ଯାଉଥିବା ଦୁଇଚକିଆ ଚାଳକ ଓ ଟ୍ରାକ୍ଟର ଗୁଡିକୁ ବିଶେଷ ଭାବେ ଗୁରୁତ୍ୱ ଦିଆଯିବ । କେନ୍ଦୁଝର ଟାଉନ୍ ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ସାହୁ ସମସ୍ତ ଗାଡି ଚାଳକଙ୍କୁ ପାଖରେ ଗାଡିର କାଗଜପତ୍ର, ଲାଇସେନ୍ସ, ଇନସୁରାନ୍ସ ପାଖରେ ରଖିବା ସହିତ ସତର୍କ ହୋଇ ଗାଡି ଚଲାଇବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଛନ୍ତି ।

# ଆଫଗାନ ନାଗରିକ ଗିରଫ ଘଟଣାରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ତନାଘନା

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଜଣେ ଆଫଗାନ ନାଗରିକ ଧରାପଡିବା ପରେ ତନାଘନା ଆରମ୍ଭ ହୋଇଛି । ଭୁବନେଶ୍ୱର ବିମାନ ବନ୍ଦରରୁ ଆଫଗାନ ନାଗରିକକୁ ଗିରଫ କରିଥିଲା କମିଶନରେଟ ପୋଲିସ । ତେବେ ଆଫଗାନର ଏହି ଅଭିଯୁକ୍ତ ଜଣକ କଟକର ପୁରୀଘାଟ ଥାନା ଅଞ୍ଚଳର ପେଟିନ ସାହିରେ ଦିର୍ଘ ବର୍ଷ ହେବ ରହୁଥିବା ବେଳେ ଆହୁରି ୩ ରୁ ୪ ଜଣ ତାଙ୍କ ସହ ଭଡାରେ ରହୁଥିବା ଜଣାପଡିଛି । ଅଭିଯୁକ୍ତ ମହମ୍ମଦ ୟୁସୁଫ ଗିରଫ ହେବାପରେ ପେଟିନ ସାହି କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଇଣ୍ଟିଲିଜେନ୍ସ ବ୍ୟୁରୋ ବା ଆଇବି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି । ମହମ୍ମଦ ୟୁସୁଫ ଦୀର୍ଘ ବର୍ଷ ହେବ ଏଠାରେ କେମିତି ରହୁଥିଲେ ? କାହିଁକି ରହୁଥିଲେ ? ସେ କଣ କରନ୍ତି ? ଏଭଳି ଅନେକ ଦିଗ ଉପରେ ଯାଞ୍ଚ କରୁଛି ଆଇବି । ସେହିପରି ସେ କାହା ସହ ମିଶନ୍ତି କି ନାହିଁ, ସେନେଇ ମଧ୍ୟ ପଚରା ଉଚରା କରିଛି ଆଇବି ଟିମ୍ । ଏହାସହ ଘର ମାଲିକଙ୍କୁ ମଧ୍ୟ ଏ ସମ୍ପର୍କରେ ପଚରା ଉଚରା କରିବା ସହ ଆଖପାଖ ଲୋକଙ୍କୁ ମଧ୍ୟ ପଚରା ଉଚରା କରିଛି ଟିମ୍ । ବଡ଼ କଥା ହେଉଛି କଟକ ପେଟିନ ସାହିରେ ଆଫଗାନର ୩ ଜଣ ନାଗରିକ ରହୁଛନ୍ତି । ଏମାନେ ଜଣଙ୍କ ଘରେ ଭଡା ନେଇ ରହୁଛନ୍ତି । ଜଣଙ୍କ ବୟସ ୭୫ ବର୍ଷ ହୋଇଥିବାବେଳେ ଆଉ ଜଣଙ୍କ ବୟସ ୫୦ ବର୍ଷ ଏବଂ ଆଉ ଜଣଙ୍କ ବୟସ ୨୮ ବର୍ଷ ହେବ । ଏମାନେ ଦୀର୍ଘ ବର୍ଷ ହେବ କଟକରେ ରହିବା ସହ ବ୍ୟବସାୟ କରନ୍ତି । ଡ୍ରାଏଫ୍ରୁଟ୍ ବ୍ୟବସାୟ ସହ ସୁଧ ବ୍ୟବସାୟ କରୁଥିଲେ । ତାଙ୍କ ବାପା, ଜେଜେ ବାପାଙ୍କ ସମୟରୁ ସେମାନେ କଟକରେ ରହୁଥିବା କହିଛନ୍ତି । ଅନ୍ୟପଟେ ଘର ମାଲିକ ୟୁସୁଫ କିମ୍ବା ଆଫଗାନ ନାଗରିକଙ୍କ ସମ୍ପର୍କରେ କୌଣସି ପ୍ରତିକ୍ରିୟା ଦେଇନାହାନ୍ତି । ସେପଟେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଏକ ୩ ଜଣିଆ ଟିମ୍ ଉକ୍ତ ଘରକୁ ଦୁଇଥର ଆସିଥିଲେ । ପ୍ରଥମେ ଘର ମାଲିକଙ୍କୁ ପଚରା ଉଚରା କରିଥିଲେ ହେଲେ ଘରେ ଦୁଇ ଆଫଗାନ ନାଗରିକ ଉପସ୍ଥିତ ନଥିଲେ । କେବଳ ଜଣେ ବୟସ୍କ ଆଫଗାନ ନାଗରିକ ଉପସ୍ଥିତ ଥିଲେ, ଯାହାଙ୍କ ଦେହ ଅସୁସ୍ଥ ଥିବାରୁ ତଦନ୍ତରେ ସମସ୍ୟା ଉପୁଜିଥିଲା ବୋଲି ତଦନ୍ତକାରୀ ଟିମ୍‌ର ଜଣେ ସଦସ୍ୟ ନିଜର ନାମକୁ ଗୋପନ ରଖି ସୂଚନା ଦେଇଛନ୍ତି । ବିଶେଷକରି ୟୁସୁଫଙ୍କ ସହ ଏମାନଙ୍କ ସମ୍ପର୍କ କେମିତି ! ତା'ର ସଠିକ୍ ନାଁ କଣ ! ପାସ୍‌ପୋର୍ଟରେ ଯେଉଁ ନାଁ ରହିଛି ସେଥିରେ କିଛି ଅନିୟମିତତା ରହିଛି କି ନାହିଁ ! ସେ କେବେଠାରୁ କଟକରେ ରହୁଥିଲା ! ତାର ବ୍ୟବହାର କେମିତି ! ସେ କଟକରେ କଣ କଣ କାମ କରେ ! ଏଭଳି ତମାମ ଦିଗକୁ ନେଇ ଯାଞ୍ଚ କରୁଛି ତଦନ୍ତକାରୀ ଟିମ୍ । ମିଳିଥିବା ସୂଚନା ମୁତାବକ ୟୁସୁଫଙ୍କ କଥାରେ ତାଳମେଳ ରହୁନାହିଁ । ଯାହା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି । ତେବେ ମହମ୍ମଦ ୟୁସୁଫ କେମିତି ଭାରତୀୟ ପାସ୍‌ପୋର୍ଟ ହାତେଇଲେ ? ପାସ୍‌ପୋର୍ଟ ହେବା ସମୟରେ କେଉଁ କେଉଁ କାଗଜପତ୍ର ଦେଇଥିଲେ ? ସେଥିରେ ଆଉ କାହାର ଭୂମିକା ଅଛି କି ? ଏସବୁ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଛି ଟିମ୍ । ଘଟଣାର ତଦନ୍ତ କେନ୍ଦ୍ରୀୟ ସଂସ୍ଥା କରୁଥିବାରୁ ଏନେଇ କଟକ ଡିସିପି କୌଣସି ପ୍ରତିକ୍ରିୟା ଦେଇନାହାନ୍ତି ।

# ଆର୍ଯ୍ୟପଲ୍ଲୀରେ କୂଳ ଲଙ୍ଘିଛି ସମୁଦ୍ର

## ପ୍ରତିକାର ଦାବିରେ ବନ୍ଦର ଗେଟ୍ ସମ୍ମୁଖରେ ମତ୍ସ୍ୟଜୀବୀଙ୍କ ଧାରଣା

**ଛତ୍ରପୁର, ନ୍ୟୁଜ୍ ବ୍ୟୁରୋ**

ଆର୍ଯ୍ୟପଲ୍ଲୀ ନିକଟରେ ସମୁଦ୍ର କୂଳଲଂଘି ଗ୍ରାମ ନିକଟତର ହେବାରେ ଲାଗିଛି । ଏଥିରେ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷଙ୍କ ମନମୁଖୀ କାର୍ଯ୍ୟ ଓ ଜିଲ୍ଲା ପ୍ରଶାସନର ନୀରବତାକୁ ନେଇ ମତ୍ସ୍ୟଜୀବୀମାନେ ୫ ଦଫା ଦାବି ନେଇ ମଙ୍ଗଳବାର ଦିନ ତମାମ ଆନ୍ଦୋଳନରେ ବସିଥିବା ବେଳେ ଛତ୍ରପୁର ବିଧାୟକଙ୍କ ହସ୍ତକ୍ଷେପ ପରେ ସମସ୍ୟା ସମାଧାନର ସୂତ୍ର ବାହାରିବା ପାଇଁ ପ୍ରତଶ୍ରୁତି ମିଳବା ପରେ ଧାରଣାରୁ ଉଠିଛନ୍ତି ମତ୍ସ୍ୟଜୀବୀମାନେ । ଦୀର୍ଘ ବର୍ଷ ଧରି ସମୁଦ୍ର କୂଳ ଲଙ୍ଘିବା ଠାରୁ ଆରମ୍ଭ କରି ଜେଟି ଖନନ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କ ବିଭିନ୍ନ ଦାବି, ବନ୍ଦର କର୍ତ୍ତୃପକ୍ଷ କେବେବି ଶୁଣୁନଥିବା ଅଭିଯୋଗ ହୋଇଆସୁଥିବା ବେଳେ ଆର୍ଯ୍ୟପଲ୍ଲୀରେ ସମୁଦ୍ର କୂଳ ଖାଇବା ଓ ପୋର୍ଟ କର୍ତ୍ତୃପକ୍ଷ ଡ୍ରେଜିଙ୍ଗ ନକରିବା ଯୋଗୁଁ ଆର୍ଯ୍ୟପଲ୍ଲୀ ସମେତ ଆଖପାଖ ୨୭ଟି ଗାଁର ମତ୍ସ୍ୟଜୀବୀମାନେ ଦୀର୍ଘ ବର୍ଷ ଧରି ବିଭିନ୍ନ ସମସ୍ୟାର ସମ୍ମୁଖିନ ହେଉଛନ୍ତି । ଆର୍ଯ୍ୟପଲ୍ଲୀ ଗାଁ ନିକଟରେ ସମୁଦ୍ର କୂଳ ଖାଉଥିବା ଯୋଗୁଁ ଗାଁ ନିକଟରେ ପଥରବନ୍ଧ ନିର୍ମାଣ ନେଇ ଦୀର୍ଘ ବର୍ଷ ହେଲା ଗ୍ରାମବାସୀମାନେ ଦାବି କରିଆସୁଛନ୍ତି । ଏନେଇ ପୋର୍ଟ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ନନେବା ଯୋଗୁଁ ସମୁଦ୍ରରୁ ଗାଁକୁ ମାତ୍ର ଆଉ ୫୦ ମିଟର ଦୂରତା ମଧ୍ୟରେ ରହିଛି । ସେହିପରି ଗୋପାଳପୁର ପୋର୍ଟ ଡ୍ରେଜିଙ୍ଗ ତଥା ନିୟମିତ ଭାବେ ନ ଖୋଳିବା ଯୋଗୁଁ ବାଲି ମୁହାଣକୁ ମାଡ଼ି ଆସୁଛି । ଯାହାଫଳରେ ଡଙ୍ଗା ଚଳାଚଳରେ ମତ୍ସ୍ୟଜୀବୀ ମାନେ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଦାବି ସମ୍ପର୍କରେ ବାରମ୍ବାର ମତ୍ସ୍ୟଜୀବୀ ମାନେ ଜିଲ୍ଲା ପ୍ରଶାସନ ଓ ଗୋପାଳପୁର ପୋର୍ଟ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି । କିନ୍ତୁ କୌଣସି ସୁଫଳ ନ ମିଳିବାରୁ ୨୭ ଖଣ୍ଡ ଗାଁର ମତ୍ସ୍ୟଜୀବୀ ମାନେ ଆନ୍ଦୋଳନ ପାଇଁ ଡାକରା ଦେଇଥିଲେ । ଆନ୍ଦୋଳନ ନେଇ ସୂଚନା ପାଇବା ପରେ ସୋମବାର ସନ୍ଧ୍ୟା ସମୟରେ ଜିଲ୍ଲା ପ୍ରଶାସନ ଓ ପୋର୍ଟ କର୍ତ୍ତୃପକ୍ଷ ଗ୍ରାମବାସୀ ମାନଙ୍କୁ ଆଲୋଚନା ପାଇଁ ଡାକିଥିଲେ । ହେଲେ ଏହି ଆଲୋଚନା ବିଫଳ ହୋଇଥିଲା ତେବେ ସକାଳୁ ସକାଳୁ ଗୋପାଳପୁର ବନ୍ଦର ମୁଖ୍ୟ ଫାଟକ ସମ୍ମୁଖରେ ୫ ଦଫା ଦାବି ନେଇ – ଆର୍ଯ୍ୟପଲ୍ଲୀ ଗ୍ରାମପଞ୍ଚାୟତ ଓ ୨୭ ଖଣ୍ଡ ଗ୍ରାମର ମତ୍ସ୍ୟଜୀବୀମାନେ ଫାଟକ ସମ୍ମୁଖରେ ବିରାଟ ଗଣ ଧାରଣାରେ ବସିଥିଲେ । ଆର୍ଯ୍ୟପଲ୍ଲୀ ଗ୍ରାମବାସୀଙ୍କର ବିଭିନ୍ନ ସମସ୍ୟା ଓ ଦାବି ସମ୍ପର୍କିତ ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ, ପ୍ରଶାସନ ଓ ଆର୍ଯ୍ୟ ଆର୍ଯ୍ୟପଲ୍ଲୀ ଗ୍ରାମବାସୀଙ୍କ ଉପସ୍ଥିତିରେ ଦୀର୍ଘ ସମୟ ଆଲୋଚନା ହୋଇ ସୁଫଳ ମିଳିପାରିନଥିଲା । ଏହାପରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକଙ୍କୁ ଏହି ଘଟଣାରେ ହସ୍ତକ୍ଷେପ କରି ସମାଧାନ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇଥିଲା । ଏହାପରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଘଟଣାସ୍ଥଳରେ ପହଁଚିବା ପରେ ଗ୍ରାମପଞ୍ଚାୟତ ଭଦ୍ରମଣ୍ଡଳୀ, ବିଧାୟକ, ଗୋପାଳପୁର ବନ୍ଦର କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ୨୭ ଗ୍ରାମବାସୀମାନଙ୍କର ବିଭିନ୍ନ ସମସ୍ୟା ଓ ଦାବିଗୁଡିକର ସ୍ଥିତି ଏବଂ ଅଗ୍ରଗତି ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା ଓ ଦୀର୍ଘ ସମୟର ବିସ୍ତୃତ ଆଲୋଚନା ପରେ ସମାଧାନର ବାଟ ବାହାରିଥିଲା । ନିଷ୍ପତ୍ତି ପ୍ରକାରେ ପରିବେଶ ମଞ୍ଜୁରୀ ପାଇବା କ୍ଷଣି ୯ ଗୋଟି ପଥର ବନ୍ଧ କାର୍ଯ୍ୟ ଆରମ୍ଭ କରାଯିବ । ଏହି କାମ କରିବା ପାଇଁ ଏକ ଘରୋଇ ସଂସ୍ଥାକୁ ନିୟୋଜିତ କରାଯାଇଛି ଏବଂ ବନ୍ଦର କର୍ତ୍ତୃପକ୍ଷ ଉପରୋକ୍ତ କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି ଏହା ସହ ଅଗଷ୍ଟ ୩୦ ତାରିଖ ସୁଦ୍ଧା ମତ୍ସ୍ୟଜୀବୀ ମାନଙ୍କ ଯିବା ଆସିବା କେନାଲକୁ ଡ୍ରେଜିଙ୍ଗ କରିଯିବ । ଜେଟି ଅଞ୍ଚଳରେ ଲାଇଟ୍, ପାନୀୟ ଜଳ ସୁବିଧା ସହ ଫିସେରୀ ଜେଟିର ଅର୍ଦ୍ଧ ଭଗ୍ନ ଅବସ୍ଥାରେ ଥିବା ପୁରୁଣା କାନ୍ଥ ଗୁଡିକ ସଫା କରିଯିବ । ନୂତନ ଫିସେରୀ ଜେଟି ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧା କରାଯିବ । ଏହି ସମସ୍ତ ନିଷ୍ପତ୍ତି ବିଧାୟକଙ୍କ ଉପସ୍ଥିତିରେ ପୋର୍ଟ କର୍ତ୍ତୃପକ୍ଷ ଉକ୍ତ ଦାବିରେ ରାଜି ହୋଇଥିବା ଜଣାପଡ଼ିଛି ।



# ଦୁଷ୍କର୍ମ ଅଭିଯୋଗରେ ଗିରଫ ହେଲେ କ୍ଲିନିକ୍ ମାଲିକ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ଗଞ୍ଜାମ ଜିଲ୍ଲା ଏକ ମର୍ଯ୍ୟାଦା ତଥା କଳା ନୈପୁଣ୍ୟତାକୁ ନେଇ ଏହାର ଗାରିମା ବଜାୟ ରଖିଥିବା ବେଳେ ଗତ କିଛି ଦିନ ହେବ ଏଥିରେ ପ୍ରଶ୍ନ ଚିହ୍ନ ଲାଗିଛି । ସମଗ୍ର ରାଜ୍ୟ ତଥା ରାଜ୍ୟ ବାହାରେ ଗଞ୍ଜାମ ଜିଲ୍ଲାରେ ମହିଳା ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗତ କିଛି ଦିନ ପୂର୍ବେ ଗୋପାଳପୁର ବେଳାଭୂମି ଠାରେ ଜନୈକ ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ପୋଲିସ ନାବାଳକଙ୍କ ସମେତ ୧୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ବର୍ତ୍ତମାନ ବ୍ରହ୍ମପୁର ସହରର ବାଜପେୟୀ କ୍ଲିନିକ୍ ମାଲିକ ଡ଼ା. ଭବାନୀ ଶଙ୍କର ଦାଶ ଜନୈକ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୋଲିସ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କୋର୍ଟପେଟା ଛକସ୍ଥିତ ରାଜରାଣୀ ଆପାର୍ଟମେଣ୍ଟରେ ଥିବା ବାଜପେୟୀ ଆରୋଗ୍ୟଧାମ୍‌ର ମାଲିକ ଡ଼ା. ଭବାନୀ ଶଙ୍କର ଦାଶ, ତାଙ୍କ ସହଯୋଗୀ ପ୍ରିୟଙ୍କା ସାହୁ ଏବଂ ଜଣେ ୫୦ ବର୍ଷୀୟା ଅଙ୍ଗନାବାଡ଼ି କର୍ମୀଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ସୂଚନା ଥାଉକି, ଗତ ଜୁନ୍ ୨୩ ତାରିଖ ରାତ୍ର ୧୧ଟା ସମୟରେ ନାବାଳିକାଙ୍କ ମାତା ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିବାପରେ ପୋଲିସ ଏହାର ତଦନ୍ତ କରି ୩ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି । ଏହି ଦୁଷ୍କର୍ମ ଘଟଣାରେ ପୋଲିସ ଉଭୟଙ୍କୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନାରେ ଡାକ୍ତରୀ ମାଇନା କରିଥିବା ବେଳେ ସ୍ଥାନୀୟ କୋର୍ଟପେଟା ଛକସ୍ଥିତ ରାଜା ରାଣୀ ଆପାର୍ଟମେଣ୍ଟରେ ଏପରି ଘଟଣା ଘଟିଥିବା କୁହାଯାଉଛି । ଡାକ୍ତର ଦାଶ ଉକ୍ତ ନାବାଳିକାଙ୍କୁ ଚାକିରୀ କରାଇଦେବା ଲୋଭ ଦେଖାଇ ଏପରି ଘଟଣା ଘଟାଇଛି ବୋଲି ନାବାଳିକାଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି । ଗତ ଜୁନ୍ ୨୩ ତାରିଖ ଦିନ ଉକ୍ତ ନାବାଳିକାଙ୍କୁ ବାଜପେୟୀ ଆରୋଗ୍ୟଧାମ୍‌ର କର୍ମଚାରୀ ପ୍ରିୟଙ୍କା ସାହୁ ନାମ୍ନୀ ଜନୈକ ଯୁବତୀ ଓ ୫୦ ବର୍ଷୀୟା ଜନୈକ ମହିଳା ଏହି ଦୁଷ୍କର୍ମ କରିବା ଘଟଣାରେ ସହଯୋଗ କରିଥିବା ଯୋଗୁଁ ଉଭୟଙ୍କୁ ମଧ୍ୟ ପୋଲିସ ଗିରଫ କରିଥିବା ନେଇ ବ୍ରହ୍ମପୁର ଏସ୍.ପି. ଡ଼. ଶର୍ବଶା ବିବେକ୍ ଏମ୍ ଆହୁତ ଏକ ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି । ଉକ୍ତ ନାବାଳିକାଙ୍କୁ ପ୍ରିୟଙ୍କାର ସହଯୋଗରେ ରାଜରାଣୀ ଆପାର୍ଟମେଣ୍ଟର ତିନି ମହଲା କୋଠାର ୩୦୨ ନମ୍ବର ରୁମ୍‌କୁ ନେଇ ପ୍ରଥମେ ମୃଦ୍ୟୁ ପାନୀୟ ସେବନ କରିବାକୁ ଦେଇଥିଲେ । ପରେ ନାବାଳିକା ଜଣକ ମୃଦ୍ୟୁ ପାନୀୟ ସେବନ କରି ଚେତାଶୂନ୍ୟ ହୋଇଥିବା ଯୋଗୁଁ ଏହାର ସୁଯୋଗ ନେଇ ଏପରି ଦୁଷ୍କର୍ମ ଘଟଣା ଘଟିଥିବା ଅଭିଯୋଗ ହୋଇଛି । ସ୍ଥାନୀୟ ବୈଦ୍ୟନାଥପୁର ଥାନା ପୋଲିସ ପକ୍ଷରୁ ଏହି ଘଟଣାକୁ ନେଇ ଏକ ପୋସ୍କୋ ମାମଲା ରୁଜୁ କରି ବୈଦ୍ୟନାଥପୁର ଥାନା କେସ୍ ନଂ ୩୧୪/୨୫ରେ ଏକ ମାମଲା ରୁଜୁ କରି ଗିରଫ ଅଭିଯୁକ୍ତମାନଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି । ବର୍ତ୍ତମାନ ଗୋପାଳପୁରରେ ଗଣଦୁଷ୍କର୍ମ ଘଟଣା ପରେ ଜନୈକ କ୍ଲିନିକ୍ ମାଲିକ ନାବାଳିକାଙ୍କୁ ଦୁଷ୍କର୍ମ କରିବା ଘଟଣା ନେଇ ବିଭିନ୍ନ ମହଲରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ତୁରନ୍ତ ଏ ଦିଗରେ ଦୁଷ୍କର୍ମକାରୀ ଉଚିତ୍ ଦଣ୍ଡ ପ୍ରଦାନ କରାଯାଉ ବୋଲି ବିଭିନ୍ନ ମହଲରେ ଦାବି ହେଉଛି ।

# ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୭ ଲିରବୃର | ଶୁ ୧୧ | ଷ୍ମ ୧୦ ରା୯ |
| ୨ବୁ | ୬ / ୩ | ୮ |
| ୩କେଚ ୪ | ୫ | ୭ ୬ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ –୧୪୩୨ ସାଲ, ଶକାବ୍ଦଃ –୧୯୪୩, ସମ୍ବତ୍ – ୨୦୮୧, ହିଜରୀ – ୧୪୪୬, କଳିଯୁଗାବ୍ଦଃ – ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ – ଅ୬୮ଙ୍କ

**ତା୨୬।୬।୨୦୨୫, ଆଷାଢ଼ ଦି୧୨ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୧୦।୦୩** **ଚନ୍ଦ୍ରୋଦୟ- ପ୍ରାଘ ୫।୪୨।୦୮**

**ପ୍ରତିପଦ-** ଦିଘ ୧।୨୫ ପର୍ଯ୍ୟନ୍ତ । **ଆର୍ଦ୍ରା ନକ୍ଷତ୍ର-** ଦିଘ ୮।୪୭ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ରାଘ ୧।୪୦ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । ରାଘ ୧।୪୦ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କନ୍ୟା ରାଶିର । ରାଘ ୧।୪୦ ମଧ୍ୟେ । **ଶ୍ରାଦ୍ଧନିର୍ଣ୍ଣୟ-** ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ଦ୍ୱିତୀୟାର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପାଣିକଖାରୁ ଦିଘ ୧।୨୫ ପରେ ବୋଇତି କଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୧୪ ଗତେ ଘ ୬।୦୭ ମଧ୍ୟେ । ଦିଘ ୯।୩୮ ଗତେ ଘ ୧୧।୨୩ ମଧ୍ୟେ । **ପର୍ବୋତ୍ସବ-** ନେତ୍ରୋତ୍ସବ, ଶ୍ରୀକ୍ଷେତ୍ରେ ନବଯୌବନ ଦର୍ଶନ, ଦ୍ୱିତୀୟା ଚନ୍ଦ୍ର ଦର୍ଶନ ଓ ପୂଜା ।

**ମେଷ:** ଅନେକ ଦିନର ଆଶା ପୂରଣ ହେବ । ନୂତନ କର୍ମ ଆରମ୍ଭ କରିବେ । ଦେବ ଦର୍ଶନର ସୌଭାଗ୍ୟ ଲାଭ କରିବେ । ଆୟ ଓ ବ୍ୟୟ ସମାନ ରହିବ । ପାରିବାରିକ ସୁଖ ଶାନ୍ତି ବଜାୟ ରହିବ ।

**ବୃଷ:** ବ୍ୟବସାୟିକ କାମରେ ଶୁଭ ସୂଚନା । ସୁବିଧାରେ କାମ ହାସଲ କରିବା କଷ୍ଟକର । ଆୟ ଠାରୁ ବ୍ୟୟର ପରିମାଣ ବଢ଼ିବ । ପାରିବାରିକ ଦ୍ୱନ୍ଦ୍ୱ ସୃଷ୍ଟି ହେବାର ସମ୍ଭାବନା । ଦେହ ଅସୁସ୍ଥ ରହିବ ।

**ମିଥୁନ:** ନୂତନ ଯୋଜନା ପାଇଁ ଆନୁସାଙ୍ଗିକ ସହଯୋଗର ଅଭାବ ପରିଶ୍ରମକୁ ଦ୍ୱିଗୁଣିତ କରିବ । ରୋଜଗାରର ପଥରୋଧ ସହିତ ପାରିବାରିକ ଅଡୁଆ ଦେଖାଦେବ । ସମସ୍ତ ଆଡ଼କୁ ନଜର ରଖି କାର୍ଯ୍ୟ କରିବେ ।

**କର୍କଟ:** ଦୂରଯାତ୍ରା କରି ସଫଳତା ଦିଗରେ ଅଗ୍ରଗତି କରିବେ । ଗୁରୁଜନଙ୍କ ପ୍ରେରଣାରୁ ନିଜେ ଦୁଃସାଧ କାର୍ଯ୍ୟ ସାଧନା କରିବେ । ବିଦ୍ରୋହର ସୂଚନା । ଆୟ ଓ ବ୍ୟୟ ସମାନ ରହିବ । ଘରେ ଶାନ୍ତି ।

**ସିଂହ:** କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ଦେଇ ଗତି କରିବେ । ବନ୍ଧୁଙ୍କ ସହଯୋଗ ଲାଭ କରିବେ । ପରିବାରରେ ସମସ୍ୟା ଦେଖାଦେବ । ରୋଜଗାର ବୃଦ୍ଧି ହେତୁ ସମାଧାନ ହୋଇପାରିବ । ସମ୍ମାନ ମିଳିବ ।

**କନ୍ୟା:** ମାଲିମୋକଦ୍ଦମାରେ ସ୍ଥିତି ଅନୁକୂଳ ରହିବ । ଉଦାସୀନତା ହେତୁ ଅନ୍ୟମାନଙ୍କର ସନ୍ଦେହର ଶିକାର ହୋଇପାରନ୍ତି । ଆୟରେ ବାଧା ଉପୁଜିବ । ପରିବାରରେ ପଥରୋଧର ଆଶଙ୍କା ।

**ତୁଳା:** ଅନ୍ୟମାନଙ୍କ ଦ୍ୱାରା ନିଜର କର୍ମ ସାଧନା କରିପାରିବେ । ବନ୍ଧୁ ସହଯୋଗ ପାଇବେ । ତଥାପି ଆଳସ୍ୟ ହେତୁ ପାରିବାରିକ କର୍ମଚ୍ୟୁତ । ଆୟ ଓ ବ୍ୟୟ ପ୍ରାୟତଃ ସମାନ ରହିବ । ମନ ହାଲ୍‌କା ରହିବ ।

**ବିଛା:** ମନରେ ଅଶାନ୍ତି ସହିତ ଦୁଶ୍ଚିନ୍ତା ରହିବ । କର୍ମହାନୀର ସୂଚନା । ଶାରୀରିକ ପୀଡ଼ା ଅନୁଭବ କରିବେ । ଆୟ ତୁଳନାରେ ବ୍ୟୟର ପରିମାଣ ବଢ଼ିବାର ସୂଚନା । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ ।

**ଧନୁ:** ପରିବାରରେ ଆନନ୍ଦ ଆପଣଙ୍କୁ ଉତ୍ସାହିତ କରିବ । କର୍ମକ୍ଷେତ୍ରରେ ନିଜର ପ୍ରାଧାନ୍ୟତା ପ୍ରକାଶ ପାଇବ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । ମହିଳାମାନେ ସୁଖୀ ହେବେ ।

**ମକର:** ଆଜି ଆପଣଙ୍କର ଦିନଟି ଆନନ୍ଦଦାୟକ ହେବ । ଯାହାକୁ ଯାହା କହିବେ ସେ ତାହା ଗ୍ରହଣ କରିବେ । କୌଣସି କାର୍ଯ୍ୟ ପାଇଁ ଖର୍ଚ୍ଚାନ୍ତ ହୋଇପାରନ୍ତି । ଆୟ ମଧ୍ୟମ ଧରଣର ହେବ । ପରିବାରରେ ଆନନ୍ଦ ।

**କୁମ୍ଭ:** ନିଜକୁ ଜଗିରଖି ଚଳିବା ସହିତ ରସନା ସଂଯମ କରଣୀୟ । ନଚେତ୍ ଅଯଥା ମାନହାନୀର ଆଶଙ୍କା । ଆୟର ପରିମାଣ ଅଧିକ ହେବ । ଘରେ ଜଞ୍ଜାଳ ବଢ଼ିବ । ଅତୀତ କଥା ପାଇଁ ମନରେ ଅଶାନ୍ତି ଆସିବ ।

**ମୀନ:** ମନରେ ବିଭିନ୍ନ ପ୍ରକାର ଆଶଙ୍କା ଉଙ୍କି ମାରିବ । ପ୍ରତ୍ୟେକ କର୍ମରେ ପ୍ରତିରୋଧର ସମ୍ମୁଖୀନ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପରିବାରରେ ଶାନ୍ତି ଲାଭ ହେବାର ସୂଚନା ।




# ବନ୍ଧୁକ ଦେଖାଇ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଲୁଟି ନେଲେ ଦୁର୍ବୃତ୍ତ

**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ମୟୂରଭଞ୍ଜ କୁଳିଆଣ ବ୍ଲକର କୁଚେଇ ଶାଖା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ୍‌ର କୁଚେଇ ଶାଖାରୁ ବନ୍ଧୁକ ଦେଖାଇ ଲକ୍ଷାଧିକ ଟଙ୍କା ଲୁଟ୍ ହୋଇଛି । ୬ ଜଣ ଦୁର୍ବୃତ୍ତ ହଠାତ୍ ବ୍ୟାଙ୍କରେ ପଶି କର୍ମଚାରୀଙ୍କୁ ବନ୍ଧୁକ ଦେଖାଇ କ୍ୟାସ୍ କାଉଣ୍ଟରରୁ ଲୁଟିନେଲେ ଟଙ୍କା । ୮ରୁ ୯ ଲକ୍ଷ ଟଙ୍କା ଲୁଟ୍ ହୋଇଥିବାର ସନ୍ଦେହ । ଦିନ ପ୍ରାୟ ୨.୩୦ ସମୟରେ ୧୦ ଜଣ ପାଖାପାଖି ଗ୍ରାହକ ବ୍ୟାଙ୍କ୍‌ରେ ଥିବାବେଳେ ୬ ଜଣ ଲୁଟେରା ହଠାତ୍ ବ୍ୟାଙ୍କ୍‌ରେ ପଶି ଆସିଥିଲେ । ୩ ଜଣ ସମସ୍ତଙ୍କୁ ବନ୍ଧୁକ ଦେଖାଇ ପ୍ରଥମେ ମୋବାଇଲ ଛଡ଼ାଇନେବା ପରେ ଗୋଟିଏ ରୁମ୍‌କୁ ନେଇ କାନ୍ଥ ପଟକୁ ମୁହଁ କରି ଚୁପ୍ ରହିବାକୁ ନିର୍ଦ୍ଦେଶ ଦେଲେ । ଆଉ ତିନି ଜଣ କର୍ମଚାରୀଙ୍କ ମୋବାଇଲ ଛଡାଇ ନେଇ ସଙ୍ଗେ ସଙ୍ଗେ କ୍ୟାସ୍ କାଉଣ୍ଟରରେ ଯାହା ଟଙ୍କା ଥିଲା ସେସବୁ ନେଇ ମୁଖ୍ୟଦ୍ୱାରରେ ବାହାର ପଟୁ ତାଲା ପକାଇ ଫେରାର୍ ହୋଇଯାଇଥିଲେ । ଗଲା ବେଳକୁ ବ୍ୟାଙ୍କର ସିସି ଟିଭିର ଡିଭିଆର୍‌କୁ ମଧ୍ୟ ଖୋଲି ନେଇଛନ୍ତି । ମୁହଁରେ କପଡ଼ା ବାନ୍ଧିଥିବାରୁ କେହି ସେମାନଙ୍କ ଚେହେରା ଦେଖିପାରିନଥିଲେ ବୋଲି କହିଛନ୍ତି ପ୍ରତ୍ୟକ୍ଷଦର୍ଶୀ । ବ୍ୟାଙ୍କର ତଳ ଫ୍ଲୋର୍‌ରେ ଥିବା ଏକ ଦୋକାନର ସିସି କ୍ୟାମେରାର ଫୁଟେଜ୍‌କୁ ଆଧାର କରି ପୋଲିସ ତଦନ୍ତ ଆରମ୍ଭ କରିଛି ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ରଥଯାତ୍ରାକୁ ଭୟ କରୋନା ଓ ଜଣ୍ଡିସ୍

ମାଡ଼ି ଚାଲିଛି ଝାଡ଼ାବାନ୍ତି। ଜିଲ୍ଲା ପରେ ଜିଲ୍ଲାକୁ ଡେଇଁବାରେ ଲାଗିଛି। ହଇଜା ଭୂତାଣୁ ଠାବ ହେଲାଣି ବିଭିନ୍ନ ଜିଲ୍ଲାରୁ। ଏପଟେ କରୋନା, ଜଣ୍ଡିସ୍ ଭୟ ବି ଘାରିଛି। ଏଭଳି ସ୍ଥିତିରେ ଆଉ ଦିନ କେଇଟା ପରେ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରା। ଲକ୍ଷଲକ୍ଷ ଶ୍ରଦ୍ଧାଳୁ ରାଜ୍ୟର କୋଣ ଅନୁକୋଣ ସହ ଦେଶ ବିଦେଶରୁ ଛୁଟି ଆସିବେ ପୁରୀକୁ । ଲୋକାରଣ୍ୟ ହେବ ପୁରୀ ସହର। ତେଣୁ ଏବେଠାରୁ ଛାତିରେ ଛନକା ପଶିଲାଣି । ଯଦି ରଥଯାତ୍ରା ସମୟରେ ପୁରୀରେ ଝାଡ଼ାବାନ୍ତି ବ୍ୟାପିଲା କିମ୍ବା ହଇଜା ମାଡ଼ିଲା... ତେବେ କ'ଣ ହେବ ? ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇପାରେ। ସରକାରୀ ରିପୋର୍ଟ ଅନୁସାରେ, ଯାଜପୁର, କେନ୍ଦୁଝର, ଢେଙ୍କାନାଳ, ଭଦ୍ରକ ଓ କଟକରେ ଝାଡ଼ାବାନ୍ତି ବ୍ୟାପିଛି । ୪୨୯ ଜଣ ନୂଆ ରୋଗୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି । ମାତ୍ର ବେସରକାରୀ ତଥ୍ୟ ଅନୁସାରେ ୯ ଜିଲ୍ଲାକୁ ଝାଡ଼ାବାନ୍ତି ବ୍ୟାପିଛି। ମୁଖ୍ୟତଃ ଦୂଷିତ ପାଣି ଓ ନିମ୍ନମାନର ଖାଦ୍ୟ ହିଁ ଏହାର କାରଣ ବୋଲି କୁହାଯାଉଛି। ବିଶେଷଜ୍ଞ ଟିମ୍ ଏ ଜିଲ୍ଲାରୁ ସେ ଜିଲ୍ଲାକୁ ଯାଇ ନିତି ତନାଘନା କରୁଛନ୍ତି । ହେଲେ ବର୍ଷା ଦିନ ଆରମ୍ଭ ହୋଇଥିବାରୁ ସ୍ଥିତି ନିୟନ୍ତ୍ରଣକୁ ଆସିବା ଏତେ ସହଜ ହେଉନି। ଏଭଳି ସମୟରେ ପୁରୀରେ ରଥଯାତ୍ରା ଆୟୋଜନ ସରକାର ଓ ପ୍ରଶାସନ ପାଇଁ ବଡ଼ ଆହ୍ୱାନ ହୋଇଛି। ରଥଯାତ୍ରା ସମୟରେ ପୁରୀକୁ ଝାଡ଼ାବାନ୍ତି ସଂକ୍ରମିତ ଅଞ୍ଚଳ ସହ ପ୍ରତି ଜିଲ୍ଲାରୁ ଲୋକେ ଆସିବେ। ବଡ଼ଦାଣ୍ଡରୁ ନେଇ ସମୁଦ୍ରକୂଳ ଓ ଗଳିକନ୍ଦିରେ ଭଳିକି ଭଳି ଖାଦ୍ୟ ପସରା ସହ ବିଭିନ୍ନ ସ୍ଥାନରେ ପାନୀୟ ଜଳ ବ୍ୟବସ୍ଥା ଲାଗିବ। ତେବେ ଏ ଖାଦ୍ୟ କେତେ ସୁରକ୍ଷିତ, ସ୍ୱଚ୍ଛ, ତାହାର ମାନ ଯାଞ୍ଚ କରିବା ସ୍ୱାସ୍ଥ୍ୟ ବିଭାଗ ଏବଂ ମ୍ୟୁନିସିପାଲିଟି କର୍ତ୍ତୃପକ୍ଷଙ୍କ ପାଇଁ ବଡ଼ ଆହ୍ୱାନ ହେବ। ରଥଯାତ୍ରା ସମୟରେ ଭୀଷଣ ଗରମକୁ ଲକ୍ଷ୍ୟ କରି ବିଭିନ୍ନ ବ୍ୟକ୍ତି ଓ ଅନୁଷ୍ଠାନ ପକ୍ଷରୁ ପାନୀୟ ଜଳ, ସରବତ୍, ମୃଦୁ ପାନୀୟ, ଦହି ପାଣି, ଟଙ୍କ ତୋରାଣି ବ୍ୟବସ୍ଥା ବି କରାଯାଏ । ଏହି ପାଣିର ମାନ ଯଦି ବିଶୁଦ୍ଧ ହୋଇନଥିବ, ସ୍ଥିତି ବିଗାଡ଼ିପାରେ । ଭିଡ଼କୁ ଦେଖି ହୋଟେଲ, ଫାଷ୍ଟଫୁଡ୍, ଜଳଖିଆ ଦୋକାନ ଓ ରାସ୍ତାପାର୍ଶ୍ୱ ବୁଲା ବିକାଳିଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟ, ଚା' ମଧ୍ୟ ଝାଡ଼ାବାନ୍ତି, ହଇଜା ଓ ଜଣ୍ଡିସ ଭଳି ରୋଗକୁ ଡାକି ଆଣିପାରେ। ଯଦି ଥରେ ଏଭଳି କିଛି ସଂକ୍ରମଣ ବ୍ୟାପିବ, ନିୟନ୍ତ୍ରଣକୁ ଆଣିବା କଷ୍ଟକର ହୋଇପଡ଼ିବ । ତା' ଛଡ଼ା ବାସି ଓ ନିମ୍ନମାନର ଖାଦ୍ୟ ଉପରେ କିଭଳି କଡ଼ା ନଜର ରଖିହେବ ତାହା ଜନସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡବ୍ୟଥା ବଢ଼ାଇଲାଣି। କେବଳ ପୁରୀ ସହର ନୁହେଁ, ଭୁବନେଶ୍ୱରରୁ ପୁରୀ ଯିବାବେଳେ ରାସ୍ତାପାର୍ଶ୍ୱ ହୋଟେଲ, ରେଷ୍ଟୋରାଁ, ଜଳଖିଆ ଦୋକାନ, ଚା' ଦୋକାନ ଏବଂ ଉଠାଦୋକାନରେ ପ୍ରସ୍ତୁତ ଖାଦ୍ୟ ଓ ପାନୀୟ ଜଳ ମଧ୍ୟ ବିଭିନ୍ନ ସଂକ୍ରମିତ ରୋଗର କାରଣ ହୋଇପାରେ। ବହୁ କମ୍ପାନି ଶସ୍ତାରେ ବଜାରକୁ ପାଣି ବୋତଲ ଛାଡ଼ିଛନ୍ତି। ଅଧିକାଂଶ କମ୍ପାନିର ପାଣି ବିଶୁଦ୍ଧ ନଥିବାବେଳେ କେବଳ ଷ୍ଟିକର ମାରି ବଜାରକୁ ଛଡ଼ାଯାଇଛି । ଏଭଳି ନିମ୍ନମାନର ପାଣି ପିଇଲେ ମଧ୍ୟ ସଂକ୍ରମଣ ବ୍ୟାପିପାରେ । ଖାଲି ସେତିକି ନୁହେଁ, କରୋନା ଉପରେ ବି ନଜର ଦେବାକୁ ହେବ । ସଂକ୍ରମଣ ବ୍ୟାପିଲେ ଆଗକୁ ସ୍ଥିତି ବିଗିଡ଼ିପାରେ । ଜ୍ୱର, ଥଣ୍ଡା, ଝାଡ଼ା ଲକ୍ଷଣ ଥିବା ଲୋକେ ରଥଯାତ୍ରା ସମୟରେ ପୁରୀ ଆସିଲେ ସ୍ଥିତି ବିଗିଡ଼ିପାରେ । ଏନେଇ ରାଜ୍ୟ ସରକାରଙ୍କୁ ମଧ୍ୟ କିଛି ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ହେବ । ସବୁଦିଗକୁ ଧ୍ୟାନରେ ରଖି ସରକାର ସତର୍କତାମୂଳକ ପଦକ୍ଷେପ ନେବାକୁ ପ୍ରସ୍ତୁତ ହେଉଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ସୂଚନା ଦେଇଛନ୍ତି ।

# ବିଶ୍ୱ ପାଇଁ ଆମେରିକା ବିପଦ ?

ସୀତାରାମ ପାତ୍ର
ମୋ-୯୪୩୭୩୪୦୮୫୦

ବିଶ୍ୱ ଏବେ ଯୁଦ୍ଧ ମୁହାଁ। ବିଭିନ୍ନ ଦେଶ ମଧ୍ୟରେ ତିକ୍ତତା ସହିତ ଦୁଇ ଦୁଇଟି ଯୁଦ୍ଧ ଏବେ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ପାଲଟିଛି। ଇସ୍ରାଏଲ ଓ ଇରାନ୍ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଆମେରିକାର ପ୍ରବେଶ ସହିତ ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଯୁଦ୍ଧର ଗତି ବଦଳାଇ ଦେଇଛି। ଏହି ଘଟଣାରେ ଇରାନ୍ ଅଧିକ ପ୍ରତିଶୋଧ ପରାୟଣ ହୋଇ ହରମୁଜ୍ ପ୍ରଣାଳୀକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଯଦି ଇରାନ୍ ହରମୁଜ୍ ପ୍ରଣାଳୀକୁ ବନ୍ଦ କରେ ତେବେ ସମଗ୍ର ବିଶ୍ୱ ପ୍ରଭାବିତ ହେବା ନିଶ୍ଚିତ। ହରମୁଜ୍ ପ୍ରଣାଳୀ ଦେଇ ବିଭିନ୍ନ ଦେଶକୁ ତୈଳ ରପ୍ତାନୀ ହୋଇଥାଏ। ଏଥି ସହିତ ଆମେରିକାର ସାମରିକ ପ୍ରତିଷ୍ଠାନକୁ ଟାର୍ଗେଟ କରି ଇରାନ କ୍ଷେପଣାସ୍ତ୍ର ମାଡ଼ କରିଛି। ଆମେରିକା ଆକ୍ରମଣ କରି ଇରାନ୍‌ର ପରମାଣୁ କେନ୍ଦ୍ରକୁ ଧ୍ୱଂସ କରିବା ପରେ ଇସ୍ରାଏଲ ଓ ଇରାନ୍ ମଧ୍ୟରେ ଯୁଦ୍ଧ ବିରତି ଘୋଷଣା କରିଛନ୍ତି ଟ୍ରମ୍ପ। କିନ୍ତୁ ଏହି ଯୁଦ୍ଧ ବିରତି ଘୋଷଣାକୁ ଇସ୍ରାଏଲ କିମ୍ବା ଇରାନ୍ କେହି ନମାନି ପରସ୍ପର ଉପରେ ବୋମା ମାଡ଼ କରିଛନ୍ତି। ଏଣୁ ପ୍ରଶ୍ନ ଉଠୁଛି ଟ୍ରମ୍ପ ଇସ୍ରାଏଲ ଓ ଇରାନ୍ ସହିତ ଆଲୋଚନା କରି ଯୁଦ୍ଧ ବିରତି ଘୋଷଣା କରିଛନ୍ତି ନା' ନିଜକୁ ବିଶ୍ୱର ସୁପ୍ରିମୋ ବୋଲି ଭାବି ଏଭଳି କରିଛନ୍ତି, ତାହା ସନ୍ଦେହାତ୍ମକ। କାରଣ ଆଲୋଚନା ପରେ ଯୁଦ୍ଧ ବିରତି ଘୋଷଣା ହୋଇଥିଲେ ଉଭୟ ଦେଶ ନିଶ୍ଚିତ ଭାବରେ ଯୁଦ୍ଧ ବିରତି ମାନି ଥାଆନ୍ତେ। କିନ୍ତୁ ତାହା ହୋଇନାହିଁ। ଏଣୁ ଆମେରିକା ତଥା ଟ୍ରମ୍ପଙ୍କ କାର୍ଯ୍ୟଧାରା ଭିନ୍ନ ସନ୍ଦେଶ ଦେଉଛି। ପ୍ରକାଶଯୋଗ୍ୟ ଯେ, ଇସ୍ରାଏଲ ଉପରେ ହମାସର ଆକ୍ରମଣ କରିବାରୁ ହମାସକୁ ସମୂଳେ ଉତ୍ପାଟ କରିବା ପାଇଁ ଇସ୍ରାଏଲ ଗାଜାପଟି ଉପରେ ଆକ୍ରମଣ କରିଥିଲା। ହମାସ, ହୁତି ଓ ଅନ୍ୟାନ୍ୟ ଆତଙ୍କୀ ସଂଗଠନ ସହିତ ଇରାନ ସମ୍ପର୍କ ଥିବା କାରଣରୁ ଇରାନ୍ ଇସ୍ରାଏଲ ଉପରେ ଆକ୍ରମଣ କରିବାରୁ ଇରାନ୍ ଉପରେ ଇସ୍ରାଏଲ ପାଲଟା ଆକ୍ରମଣ କରିଥିଲା। ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଚାଲିଥିବା ବେଳେ ଆମେରିକା ହଠାତ୍ ଯୁଦ୍ଧରେ ସାମିଲ ହୋଇ ଇରାନ୍ ଉପରେ ଆକ୍ରମଣ କରିବା କେତେ ଯଥାର୍ଥ ? ଅପରପକ୍ଷରେ ଆମେରିକାର ଏଭଳି କାର୍ଯ୍ୟକୁ ଜାତିସଙ୍ଘ ନାପସନ୍ଦ କରିଛି।

ସେହିପରି ୨୦୧୪ ଫେବୃୟାରୀରୁ ଚାଲିଛି ଯୁକ୍ରେନ୍ ଓ ରୁଷିଆ ମଧ୍ୟରେ ଯୁଦ୍ଧ। ଏହି ଯୁଦ୍ଧରେ ଯୁକ୍ରେନ୍ ଏକ ପ୍ରକାର ଧ୍ୱଂସ ସ୍ତୁପରେ ପରିଣତ ହୋଇଗଲାଣି କହିଲେ ଭୁଲ୍‌ହେବନାହିଁ। ଯଦି ଏହି ଯୁଦ୍ଧକୁ ସଠିକ୍ ଭାବରେ ପର୍ଯ୍ୟାଲୋଚନା କରାଯାଏ ତେବେ ଏଥିପାଇଁ ଆମେରିକାଯେ ଦାୟୀ, ତାହାକୁ ଅସ୍ୱୀକାର କରାଯାଇପାରିବ ନାହିଁ। ରୁଷିଆକୁ ଚେକ୍ ଦେବା ଲକ୍ଷ୍ୟରେ ଯୁକ୍ରେନ୍‌କୁ ନାଟୋ ସଦସ୍ୟ ଭୁକ୍ତ କରିବା ପାଇଁ ଯୁକ୍ରେନ୍ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କୁ ଆମେରିକା ଉସୁକାଇବା ଏବଂ 'କିଚକ ବାହୁବଳେ ବିରାଟ ରାଜା' ଭଳି ଜେଲେନ୍‌ସ୍କି ଆମେରିକା ଉପରେ ବିଶ୍ୱାସ କରିବାର ପରିଣାମ ଏବେ ଭୋଗ କରୁଛି ଯୁକ୍ରେନ୍। ଯୁକ୍ରେନନ୍ ଧ୍ୱଂସ ହୋଇଯିବା ପରେ ଯୁଦ୍ଧ ବନ୍ଦ କରିବାକୁ ଟ୍ରମ୍ପ ଜେଲେନ୍‌ସ୍କି ଉପରେ ଚାପ ପ୍ରୟୋଗ କରିବାକୁ ମଧ୍ୟ ପଛାଇ ନାହାନ୍ତି। ଯୁକ୍ରେନ୍-ରୁଷିଆ ଓ ଇସ୍ରାଏଲ-ଇରାନ ଦୁଇଟି ଯାକ ଯୁଦ୍ଧରେ ଆମେରିକାର କାର୍ଯ୍ୟଧାରା ସମାନ। ଯୁଦ୍ଧ ପାଇଁ ଉସୁକାଇବା ଏବଂ ଆମେରିକାର ଲକ୍ଷ୍ୟ ପୁରଣ ହେବା ପରେ ଯୁଦ୍ଧ ବନ୍ଦ କରିବାକୁ ଚାପ ସୃଷ୍ଟି କରି ନିଜେ ବାହା-ବାହା ନେବାକୁ ଟ୍ରମ୍ପ ଆଗ୍ରହୀ। ଯାହା ଦେଖିବାକୁ ମିଳିଥିଲା, ଭାରତର 'ଅପରେସନ୍ ସିନ୍ଦୁର' ସମୟରେ। ପାକିସ୍ତାନର ପ୍ରଧାନମନ୍ତ୍ରୀଙ୍କ ଅନୁରୋଧ କ୍ରମେ 'ଅପରେସନ୍ ସିନ୍ଦୁର'ର ଯୁଦ୍ଧ ବିରତି ହୋଇଥିବା ବେଳେ ଟ୍ରମ୍ପ ଏହି ଯୁଦ୍ଧ ବିରତିର ଶ୍ରେୟ ନେବାକୁ ବହୁଳ ମିଥ୍ୟା ପ୍ରଚାର କରିଥିଲେ, ଯାହା ଜି-୭ ସମ୍ମିଳନୀ ସମୟରେ ମୋଦି ଖୋଲାସା କରିଥିଲେ। ଅପରପକ୍ଷରେ ପାକିସ୍ତାନ ପରି ଆତଙ୍କୀଙ୍କୁ ଫଣ୍ଡିଂ କରୁଥିବା ରାଷ୍ଟ୍ରର ସେନାଧକ୍ଷଙ୍କୁ ଆମନ୍ତ୍ରଣ କରିବା ଆମେରିକା ତଥା ଟ୍ରମ୍ପଙ୍କ କାର୍ଯ୍ୟଧାରା ବିପଦ ଜନକ ମନେହୁଏ।

ଇତିହାସର ପୃଷ୍ଠାକୁ ଓଲଟାଇଲେ ଇରାକର ପୂର୍ବତନ ରାଷ୍ଟ୍ରପତି ସଦ୍ଦାମ ହୁସେନଙ୍କୁ ଗାଦିଚ୍ୟୁତ କରିବା ଏବଂ ମୃତ୍ୟୁଦଣ୍ଡ ପଛରେ ଆମେରିକାର ହାତ ରହିଛି। ବର୍ତ୍ତମାନର ଇରାନର ନେତା ଖେମନୀ ହୁଅନ୍ତୁ କିମ୍ବା ଇରାକର ପୂର୍ବତନ ରାଷ୍ଟ୍ରପତି ସଦ୍ଦାମ ହୁସେନ, ଯିଏ ଆମେରିକାର ଇଙ୍ଗିତରେ ପରିଚାଳିତ ନହେବ ତାକୁ ଗାଦିଚ୍ୟୁତ କରି ଆମେରିକାର ଅଙ୍ଗୁଳି ଇସାରାରେ ଉଠ ବସ୍ ହେବାଭଳି ବ୍ୟକ୍ତିକୁ ରାଷ୍ଟ୍ରମୁଖ୍ୟ କରିବା ଲକ୍ଷ୍ୟରେ ସବୁବେଳେ କାର୍ଯ୍ୟକରିଥାଏ ଆମେରିକା। ସଦ୍ଦାମ ହୁସେନ୍ ୧୯୭୯ ମସିହାରୁ ୨୦୦୩ ପର୍ଯ୍ୟନ୍ତ ଇରାକ୍‌ର ରାଷ୍ଟ୍ରପତି ଥିଲେ। କୁଏତ୍‌କୁ ଆଳ କରି ଆମେରିକାର ଚକ୍ରାନ୍ତରେ ସଦ୍ଦାମ ଗାଦିଚ୍ୟୁତ ହେବା ସହିତ ଇରାକ୍‌ର ଏକ ସ୍ୱତନ୍ତ୍ର ଟ୍ରିବ୍ୟୁନାଲ ଦ୍ୱାରା ଦୋଷୀ ସାବ୍ୟସ୍ତ ହୋଇ ୩୦ ଡିସେମ୍ବର ୨୦୦୬ରେ ଫାଶି ଦଣ୍ଡ ପାଇଥିଲେ। ଏବେ ଇରାନ୍ ପରମାଣୁ କାର୍ଯ୍ୟକ୍ରମ ଜାରୀ ରଖିଥିବା ଆଳରେ ଇରାନ ଉପରେ ଆକ୍ରମଣ କରିଛି ଆମେରିକା। ସେହିପରି ୧୯୪୫ ମସିହାରେ ଦ୍ୱିତୀୟ ବିଶ୍ୱ ଯୁଦ୍ଧ ସମୟରେ ଆମେରିକା ଅଗଷ୍ଟ ୬ ତାରିଖରେ ଜାପାନର ହିରୋସୀମା ଓ ୯ ତାରିଖରେ ନାଗାସାକି ଉପରେ ପରମାଣୁ ବୋମା ପକାଇଥିଲା। ଫଳରେ ହିରୋସୀମାରେ ପ୍ରାୟ ୧୪୦,୦୦୦ ଏବଂ ନାଗାସାକୀରେ ପ୍ରାୟ ୭୫,୦୦୦ ଲୋକ ପ୍ରାଣ ହରାଇବା ସହିତ ଲକ୍ଷ ଲକ୍ଷ ଲୋକ ବିକଳାଙ୍ଗ ହୋଇଯାଇଥିଲେ। ଆମେରିକାର ନୃସଂସତାର ଏହା ଜ୍ୱଳନ୍ତ ପ୍ରମାଣ। ସେହିପରି ଅଲ୍‌କାଏଦା ତଥା ଓସମା ବିନ୍ ଲାଡେନର ସୃଷ୍ଟି କର୍ତ୍ତା ମଧ୍ୟ ଆମେରିକା। ସେହିପରି ଅଫଗାନୀସ୍ତାନକୁ ୩୦ ଅଗଷ୍ଟ ୨୦୨୧ରେ ତାଲିବାନ୍ ହାତକୁ ଟେକି ଦେଇଛି ଆମେରିକା। ୨୦୦୧ ଠାରୁ ଆଫଗାନୀସ୍ତାନକୁ ନିଜ ନିୟନ୍ତ୍ରଣରେ ରଖିଥିବା ଆମେରିକା ନିଜର ଲକ୍ଷ୍ୟ ହାସଲ ହୋଇଯିବା ପରେ ଆଫଗାନୀସ୍ତାନକୁ ତାଲିବାନ ହାତକୁ ଟେକିଦେଇଛି କହିଲେ ଭୁଲ୍‌ହେବନାହିଁ। ଦୀର୍ଘ ୨୦ ବର୍ଷ ଆମେରିକା ଆଫଗାନୀସ୍ତାନକୁ ନିଜର ନିୟନ୍ତ୍ରଣରେ ରଖିଥିବା ବେଳେ ଚାହିଁଥିଲେ ଏକ ନିର୍ବାଚିତ, ସ୍ଥିର ଶାସନ ଆଫଗାସ୍ତାନବାସୀଙ୍କୁ ଦେଇ ପାରିଥାଆନ୍ତା । କିନ୍ତୁ ତାହା ନକରି ଆମେରିକା ତାଲିବାନ ହାତକୁ ଟେକିଦେବା ସ୍ୱାର୍ଥପରତାର ଶେଷସୀମା କହିଲେ ଅତ୍ୟୁକ୍ତି ହେବନାହିଁ।

ଏତିକିରେ ଆମେରିକାର ଖେଳ ସରିନାହିଁ। ଆମେରିକାର ପଶାପାଲିରେ ଏବେ ରହିଛି, ତାଇୱାନ। ଏହାକୁ ଚୀନ ନିଜର ବୋଲି ଦାବି କରୁଥିବା ବେଳେ ତାଇୱାନ ନିଜକୁ ଏକ ସ୍ୱାଧୀନ ରାଷ୍ଟ୍ର ବୋଲି ଦାବି କରୁଛି । ଏହି ବିବାଦ ପଛରେ ମଧ୍ୟ ରହିଛି ଆମେରିକା। ଚୀନର ପ୍ରତିପତ୍ତିକୁ ହ୍ରାସ କରିବା ଲକ୍ଷ୍ୟରେ ତାଇୱାନକୁ ଉସୁକାଉଛି ଆମେରିକା, ଯେପରି ଯୁକ୍ରେନ୍‌କୁ କରିଛି । ଚୀନ ତାଇୱାନକୁ ଆକ୍ରମଣ କରିବା ବହୁ ସମ୍ଭାବନା ଥିବା ବେଳେ ତାଇୱାନ ଯେ, ଯୁକ୍ରେନ୍ ଅବସ୍ଥା ଭୋଗ ନକରିବ, ସେକଥା କହିହେବ ନାହିଁ। ଚୀନ ଯଦି ତାଇୱାନ ଉପରେ ଆକ୍ରମଣ କରେ ତେବେ ତାଇୱାନକୁ ଆମେରିକା କେତେ ଓ କିପରି ସାହଯ୍ୟ କରିବ ତାହା ଭବିଷ୍ୟତ କହିବ।

ଯଦି ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ଆମେରିକାର କାର୍ଯ୍ୟ କଳାପକୁ ତର୍ଜମା କରାଯାଏ, ତେବେ ବିଶ୍ୱରେ ଯେତେ ସମସ୍ୟା ସୃଷ୍ଟି ହେଉଛି, ତାହା ମୂଳରେ ରହିଛି ଆମେରିକା। ପରିସ୍ଥିତିକୁ ଜଟିଳ କରି ନିଜର ଫାଇଦା ନେବା ଏହିଦେଶ ବେଶ୍ ସିଦ୍ଧ ହସ୍ତ। ତେଣୁ ଆମେରିକା ଜାଲରେ ଯିଏ ପଡ଼ିଛି, ସେ ନିଶ୍ଚିତଭାବରେ ବରବାଦ ହୋଇଛି, ତାହା ଇତିହାସ ପ୍ରମାଣ ଦିଏ। ଆମେରିକାଯେ ଏକ ବିଷ ବୃକ୍ଷ ଏହାକୁ ନଚିହ୍ନାଇଲେ ମଧ୍ୟ ଚିହ୍ନିବାରେ କୌଣସି ଅସୁବିଧା ନାହିଁ।

ମୃଣାଳମନ୍ତ୍ର



Prof. (Dr) Mrinal Chatterjee
Regional Director
Indian Institute of Mass Communication (IIMC)
Sanchar Marg,
Dhenkanal 759 001,
Odisha
mo-91 94370 26194

# ଛତା।

ରଜ ପରେ ବର୍ଷା ଆସେ । ଆଉ ବର୍ଷା ଆସିଲେ ଖୋଜା ପଡ଼େ – ଛତା। ଖରାଦିନେ ବି ଛତାର ଆବଶ୍ୟକତା ଥାଏ। କିନ୍ତୁ ଅଧିକାଂଶ ଟୋକାଟାକଳିଆ, ଧୋବଧଉଳିଆମାନେ ଆଜିକାଲି ଖରାଦିନେ ଛତା ଧରି କୁଆଡ଼େ ଯିବାକୁ ପସନ୍ଦ କରୁନାହାନ୍ତି । କେବଳ ମୋ ଭଳିଆ ଷାଠିଏ ପ୍ଲସ ବୁଢ଼ା ଆଉ କିଛି କିଶୋରୀ ଓ ଯୁବତୀ ଖରାଦିନେ ଛତା ଧରୁଛନ୍ତି । କିଶୋରୀ ଓ ଯୁବତୀ ଖରାଦିନେ ଛତା ଧରିବାର କାରଣ ହେଲା: କାଳେ ଖରା ଯୋଗୁଁ ସେମାନଙ୍କ ରଙ୍ଗ କଳା ପଡିଯିବ ! ମୁହଁରେ ସେମାନେ ରଙ୍ଗଭେଦ (ଇଂରାଜୀରେ ଏହାକୁ ଆପରଥାୟେଡ ବୋଲି କହନ୍ତି ) ବିରୋଧରେ ଯେତେ ପାଟି କଲେ ବି କାର୍ଯ୍ୟତଃ ସେମାନେ କାଳୀ ହେବାକୁ ଚାହାନ୍ତି ନାହିଁ । ମନେ ମନେ ସେମାନେ ଗୋରୀ ହେବାକୁ ଚାହାଁନ୍ତି । ଯୁବକମାନେ ବି ଗୋରା ହେବାକୁ ଚାହାଁନ୍ତି । ହେଲେ ସେଥିପାଇଁ ଛତା ଧରି ଧରି ବୁଲିବାକୁ ଚାହାଁନ୍ତି ନାହିଁ । ଛତା ଧରି ବୁଲିଲେ, ଛତା ହଜିବାର ରିସ୍କ ବି ରହିଛି । ଝିଅମାନେ ଅର୍ଗାନାଇଜଡ । ସାଙ୍ଗରେ ଗୋଟେ ବଡ଼ ମୁଣି ଧରି ଚାଲନ୍ତି । ଛତା ଦରକାର ସରିଗଲେ, ତାକୁ ମୋଡ଼ିମାଡ଼ି ମୁଣିରେ ପୂରେଇଦେଲେ । ପୁଅମାନେ ଖରାରେ ବୁଲି ବୁଲି ବରଂ ଆଲକାତରା–କଳା ହେବେ, ସେତକ କରିବେନି ।

ହେଲେ ବର୍ଷାଦିନେ ସମସ୍ତଙ୍କର ଛତା ଦରକାର । ଛତା ବିନା ବର୍ଷାଦିନ – କଳ୍ପନା କରି ହୁଏନି ।

ବର୍ଷାର ପ୍ରଥମ ଦିନ, ଆକାଶ ଯେତେବେଳେ ଅଚାନକ ଅନ୍ଧାର ହୋଇଯାଏ, କୋହଲା ପବନ ବହେ ଆଉ ଝରଝର ହୋଇ ଝରି ପଡ଼େ ବର୍ଷା – ସେଇ ମୁହୂର୍ତ୍ତରେ ଛତାଟି ଖୋଲିବା ଯେମିତି ଏକ ବୈପ୍ଳବିକ କାମ । ଯେମିତି ଗୋଟେ କବିତାର ଜନ୍ମ । ଯେମିତି ଏକ ପ୍ରାକୃତିକ କ୍ରିୟାର ମାନବିକ ପ୍ରତିକ୍ରିୟା। ପିଲାବେଳେ ଛତା ଖୋଲିବା ମୁହୂର୍ତ୍ତଟି ମୋ ପାଇଁ ଥିଲା ଏକ ମ୍ୟାଜିକ ଭଳି । ମୋ ହାତରେ ଗୋଟେ ବାଡ଼ି ଭଳି ବସ୍ତୁ ଯେମିତି ଏକ ଫୁଲ ହୋଇ ଫୁଟିଲା। ଏମିତି ସେ ଫୁଲ ଯିଏ ମୋତେ ମା ଭଳି ଆବୋରି ଧରି ବର୍ଷାରୁ ବଞ୍ଚେଇବ । ଆଉ କେବଳ ମୋତେ ନୁହେଁ – ମୋ ସହିତ ଥିବା ସମସ୍ତଙ୍କୁ ବର୍ଷାରୁ ବଞ୍ଚେଇବ । ଛତା ମୁଣ୍ଡ ଉପରେ ଥିଲେ ଲାଗେ ମୁଁ ସୁରକ୍ଷିତ ଅଛି ।

ବର୍ଷା ଦିନ ସାରା ଛତାକୁ ଖୋଜା ହେଉଥାଏ । ତାର ବ୍ୟବହାର ହେଉଥାଏ। ତାକୁ ଯତ୍ନ କରାହେଉଥାଏ ।

କିନ୍ତୁ ବିଡ଼ମ୍ବନା ଦେଖନ୍ତୁ – ବର୍ଷା ଛାଡ଼ିଗଲା ପରେ ଛତା ଅଲୋଡ଼ା ହୋଇଯାଏ । ଘର କୋଣରେ, ତାଜା ଉପରେ ପଡ଼ି ଥାଏ । ତା ଉପରେ ବୁଢିଆଣୀ ଜାଲ ମାଡିଯାଏ।

ଏଇଥିରୁ ଗୋଟେ ବଡ଼ କଥା ଜାଣନ୍ତୁ, ଆବଶ୍ୟକତା ଶେଷ ହୋଇଗଲେ ଗୁରୁତ୍ୱ ଶେଷ ହୋଇଯାଏ – ତାହା ଛତା ହେଉ ବା ମଣିଷ । ଯେତେଦିନ ଆପଣଙ୍କ ଆବଶ୍ୟକତା ଥିବ, ଲୋକେ ଆପଣଙ୍କୁ ଖୋଜିବେ, ଲୋଡ଼ିବେ, ସଙ୍ଖୁଳିବେ । ଆବଶ୍ୟକତା ସରିଗଲେ, ଆପଣଙ୍କୁ ଭୁଲିଯିବେ।

ଗଲାବର୍ଷ ଘର କୋଣରେ ପଡିଥିବା ଅଲୋଡ଼ା ଛତାମାନେ ଭଗବାନଙ୍କ ପାଖରେ ଫେରାଦ ହେଲେ, ପ୍ରଭୁ , ଏମିତି ଅଲୋଡ଼ା ହୋଇ ପଡିରହିବାକୁ ଆମକୁ ଭଲ ଲାଗୁନାହିଁ । କଣ କିଛି କରନ୍ତୁ ।

ଭଗବାନ କହିଲେ, ଦେଖୁଛି କଣ କରାଯାଇପାରେ ।

ବର୍ଷା ଋତୁ ପରେ ଆସିବା କଥା ଶରତ, ହେମନ୍ତ, ଶୀତ, ବସନ୍ତ । ଭଗବାନ ଶରତ ପରେ ହେମନ୍ତ ବଦଳରେ ଗ୍ରୀଷ୍ମକୁ ଫିଟ କରିଦେଲେ ।

ସେଇଥିପାଇଁ ଗତ ବର୍ଷ ବର୍ଷା ପରେ ଏତେ ଖରା ଗରମ ହେଲା ଯେ , ବାହାରକୁ ବାହାରିଲେ ଛତା ଲୋଡ଼ା ପଡ଼ିଲା ।

# ପ୍ରାଥମିକ ଶିକ୍ଷାରେ ସଂସ୍କାର ଜରୁରୀ



ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗାଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ–୭୯୭୮୬୬୬୪୦୩

ପ୍ରାଥମିକ ବିଦ୍ୟାଳୟରେ ନାମଲେଖା କ୍ଷେତ୍ରରେ ଭାରତ ସାର୍ବଜନୀନ ସ୍ତରର ନିକଟତର ହୋଇଥିବା ନେଇ ନିକଟରେ ୟୁନେସ୍କୋର ଗ୍ଲୋବାଲ ଏଜୁକେସନ ମନିଟରିଂ ରିପୋର୍ଟ (ଜିଇଏମଆର) ୨୦୨୪-୨୫ରେ ପ୍ରକାଶିତ ତଥ୍ୟ ନିଶ୍ଚିତ ଭାବେ ଦେଶର ଶିକ୍ଷାମନ୍ତ୍ରଣାଳୟ ପାଇଁ ଏକ ସୁଖଦ ଖବର କିନ୍ତୁ ଏଥିରେ ବଶେଷ ଭାବେ କିଛି ଖୁସି ହେବାର ନାହିଁ। କାରଣ ଅନ୍ୟ କେତେକ ଦେଶ ସହ ଭାରତରେ ନିମ୍ନମାନର ତଥା ଦୁର୍ବଳ ଶିକ୍ଷଣ ଫଳାଫଳ ନେଇ ରିପୋର୍ଟରେ କୁହାଯାଇଛି। ଜିଇଏମଆର ରିପୋର୍ଟରେ ଉଲ୍ଲେଖ କରିଛି ଯେ, ବିକାଶଶୀଳ ଦେଶଗୁଡିକରେ ୭୩ ପ୍ରତିଶତ ଶିଶୁ ୧୦ବର୍ଷ ବୟସ ସୁଦ୍ଧା ଏକ ସରଳ ପାଠ ପଢି ବୁଝିପାରୁନାହାଁନ୍ତି। ଏହି ସମସ୍ୟା ସମ୍ପର୍କରେ ମଧ୍ୟ ଭାରତର ଏକ ବେସରକାରୀ ସଂସ୍ଥା ଆନୁଆଲ ଷ୍ଟେଟ ଅଫ ଏଜୁକେସନ ରିପୋର୍ଟ (ଅସର) ଦେଶର ପ୍ରାଥମିକ ଶିକ୍ଷା ଅବ୍ୟବସ୍ଥା ସମ୍ପର୍କରେ ପ୍ରତିବର୍ଷ ଉଲ୍ଲେଖ କରିଆସୁଛି। ଅସର-୨୦୨୪ ରିପୋର୍ଟରେ ଦର୍ଶାଇଥିଲା ଯେ, ଦେଶରେ ମାତ୍ର ୨୭.୧ ପ୍ରତିଶତ ତୃତୀୟ ଶ୍ରେଣୀ ଏବଂ ୪୮ପ୍ରତିଶତ ପଞ୍ଚମ ଶ୍ରେଣୀ ଛାତ୍ରଛାତ୍ରୀ ଦ୍ୱିତୀୟ ଶ୍ରେଣୀର ପାଠ ପଢିପାରୁନାହାଁନ୍ତି। ଏ ନେଇ ଅସର ତାର ରିପୋର୍ଟରେ ପ୍ରତିବର୍ଷ ଉଲ୍ଲେଖ କରି ଆସୁଥିବାବେଳେ ଶିକ୍ଷା ମନ୍ତ୍ରଣାଳୟ ତଥା ସରକାର ଏଥିପ୍ରତି ଆଖିବୁଜି ଦେଇଥିବା କହିଲେ ଅତିରଞ୍ଜିତ ହୋଇନପାରେ। ସେହିପରି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଅନ୍ୟାନ୍ୟ। ଛାତ୍ରଛାତ୍ରୀଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ପିଲାଙ୍କ ଫଳାଫଳ ନେଇ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିଲାଗି ତାଲିମପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଅପରିହାର୍ଯ୍ୟ ହୋଇଥିବାବେଳେ ସରକାର ଏଥିପ୍ରତି ଗୁରୁତ୍ୱ ଦେଇନାହାଁନ୍ତି। ଏବେ ମେଳା ମାଧ୍ୟମରେ ଶିକ୍ଷକ ନିଯୁକ୍ତି କରାଯିବା ଏକ ପରମ୍ପରାରେ ପରିଣତ ହୋଇଛି। ଯାହାର ପରିଣତି ସ୍ୱରୁପ ନକଲି ପ୍ରମାଣପତ୍ର ଧାରୀ, ମୋଟା ଅଙ୍କର ଅର୍ଥ ବଦଳରେ ଶିକ୍ଷକ ନିଯୁକ୍ତି ହେଉଥିବା ନେଇ ଅଭିଯୋଗ ହେଉଛି। ନିକଟରେ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ଆମ ରାଜ୍ୟରେ ଶହଶହ ନକଲି ପ୍ରମାଣଧାରୀ ଶିକ୍ଷକ ଧାରା ହୋଇଥିବାବେଳେ ପଶ୍ଚିମବଙ୍ଗରେ ଲାଞ୍ଚ ଦେଇ ନିଯୁକ୍ତି ପାଇଥିବା ୩୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଚାକିରି ହରାଇଛନ୍ତି। ଭାତ ହାଣ୍ଡିରୁ ଗୋଟିଏ ଚିପିଲା ପରି ଏହି ଦୁଇଟି ଉଦାହରଣରୁ ଆମ ଦେଶରେ ଶିକ୍ଷକ ନିଯୁକ୍ତିର ଧାରା ଯଥେଷ୍ଟ ହୋଇପାରେ। କେବଳ ଶିକ୍ଷକ ନୁହଁନ୍ତି, ବିଦ୍ୟାଳୟର ନେତୃତ୍ୱ ନେଉଥିବା ପ୍ରଧାନ ଶିକ୍ଷକ ବା ପ୍ରିନସପାଲ୍ ନିଯୁକ୍ତିରେ ମଧ୍ୟ ଅନୁରୂପ ଅବସ୍ଥା ଥିବା ଜିଇଏମଆର ଉଲ୍ଲେଖ କରିଛି। ପ୍ରଧାନଶିକ୍ଷକ ବା ପ୍ରିନସିପାଲ୍‌ଙ୍କ ମନୋନୟନ ଓ ତାଲିମ ପ୍ରକ୍ରିୟାରେ ସମନ୍ୱୟ ଅଭାବ ଥିବା ରିପୋର୍ଟରେ ଦର୍ଶାଇଛି। ଏହା ନିସନ୍ଦେହ ଯେ, ଆମ ଦେଶରେ ନେତୃତ୍ୱ ଦକ୍ଷତା ଅପେକ୍ଷା ସେବାର ନିସନ୍ଦେହ ଯେ, ଆମ ଦେଶରେ ନେତୃତ୍ୱ ଦକ୍ଷତା ଅପେକ୍ଷା ସେବାର ଅବଧି ଏବଂ ଅନ୍ୟ ଯୋଗ୍ୟତା ଆଧାରରେ ପ୍ରଧାନ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇଥାଏ। ଯାହାକି ପରମ୍ପରାଗତ ଭାବେ ପ୍ରଚଳିତ ହୋଇ ଆସୁଛି। ଆହୁରି ମଧ୍ୟ ଏକ ସର୍ଭେକୁ ଆଧାର କରି ଜିଇଏମଆର ତାର ରିପୋର୍ଟରେ ଦର୍ଶାଇଛି ଯେ, ଭାରତରେ ଶିକ୍ଷାଦାନ କଥା ତଦାରଖ କରିବା ଅପେକ୍ଷା ସେମାନଙ୍କ ଉପରେ ଅନ୍ୟାନ୍ୟ ଦାୟିତ୍ୱ ତଥା ବିଭିନ୍ନ ତଥ୍ୟ ପ୍ରଦାନ, ମଧ୍ୟାହ୍ନ ଭୋଜନ ପ୍ରସ୍ତୁତି ଆଦି ଦିଆଯାଉଛି। ଯାହା ଫଳରେ ସେମାନେ ବିଦ୍ୟାଳୟର ନେତୃତ୍ୱ ତଥା ଶିକ୍ଷକମାନଙ୍କ ପାଠପଢାର ଶୈଳୀ ତଦାରଖ କରିପାରୁନାହାଁନ୍ତି। ଆହୁରି ପ୍ରଧାନଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ଲିଙ୍ଗଗତ ବାଛବିଚାର ମଧ୍ୟ ପୁଅ ଓ ଝିଅଙ୍କ ଶିକ୍ଷା କ୍ଷେତ୍ରରେ ପ୍ରଭାବ ପକାଉଥିବା ରିପୋର୍ଟରେ କୁହାଯାଇଛି ଯାହାକି ଅଯଥାର୍ଥ ମନେହୁଏ ନାହିଁ। ଜିଇଏମଆର ଆହୁରି କହିଛି ଯେ, କେବଳ ଭାରତ ନୁହେଁ, ବିଶ୍ୱର ୩୧ ପ୍ରତିଶତ ରାଷ୍ଟ୍ରରେ ପ୍ରାଥମିକ ବିଦ୍ୟାଳୟଗୁଡିକରେ ପ୍ରଧାନଶିକ୍ଷକ ବା ପ୍ରିନିସିପାଲ୍ ନିଯୁକ୍ତି କ୍ଷେତ୍ରରେ କୌଣସି ଆନୁଷ୍ଠାନିକ ବ୍ୟବସ୍ଥାନାହିଁ। ତେବେ ଭାରତର ପଡୋଶୀ ବଙ୍ଗଳାଦେଶ ଓ ଭିଏତନାମ ପ୍ରଧାନଶିକ୍ଷକ ନିଯୁକ୍ତି କ୍ଷେତ୍ରରେ ସଂସ୍କାର, ତାଲିମ ଏବଂ ବିଦ୍ୟାଳୟ ପରିଚାଳନାରେ ବିକେନ୍ଦ୍ରୀକରଣ କରି ଶିକ୍ଷାଦାନ ଫଳାଫଳକୁ ଉଲ୍ଲେଖନୀୟ ଭାବେ ଉନ୍ନତ କରିପାରିଛନ୍ତି। ସେମାନଙ୍କ ଠାରୁ କିଛି ଶିକ୍ଷା କରାଯାଇପାରେ। ଏହା ନିସନ୍ଦେହ ଯେ, ଦେଶରେ ପ୍ରାଥମିକ ଶିକ୍ଷା ଏବେ ଏକ ଉଦ୍‌ବେଗର କାରଣ ହୋଇ ରହି ଆସିଛି । ଦେଶରେ ସମସ୍ତଙ୍କୁ ଶିକ୍ଷା ବାଧ୍ୟତାମୂଳକ କରାଯାଇଛି। ଶିକ୍ଷାରେ ଉନ୍ନତି ପାଇଁ କେନ୍ଦ୍ର ସରକାର ଜାତୀୟ ଶିକ୍ଷାନୀତି ୨୦୨୦ ଲାଗୁ କରିଛନ୍ତି। ପ୍ରାଥମିକ ଶିକ୍ଷାର ଉନ୍ନତି ପାଇଁ ସରକାର କେତେକ ସଂସ୍କାର ତଥା ଉନ୍ନତିସାଧନ ପଦକ୍ଷେପ ଗ୍ରହଣ କରିବା ଜରୁରୀ। ଶିଖିବା ଓ ଶିଖାଇବା ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଙ୍କ ଚିନ୍ତାର କାରଣ ହୋଇଥିବାବେଳେ ପ୍ରାଥମିକ ଶିକ୍ଷାର ସାଂପ୍ରତିକ ପଦ୍ଧତିରେ ସୁଧାର ଆଣିବା ପାଇଁ ଜାତୀୟ ଶିକ୍ଷାନୀତି ପଦକ୍ଷେପ ନେବାର ସମୟ ଏବେ ଆସିଛି।

# ଓଡ଼ିଆ ଭାଷା ସାହିତ୍ୟର ବିନ୍ଧାଣି ଫକୀରମୋହନ



ଚିତ୍ତରଞ୍ଜନ ପୃଷ୍ଟି
ନିମାପଡା, ପୁରୀ
ମୋ–୯୭୭୮୧୭୭୫୦୧

ଓଡ଼ିଆ ଗଳ୍ପ ସାହିତ୍ୟର ଜନକ ତଥା କଥାସମ୍ରାଟ ଭାବେ ପରିଚିତ ବ୍ୟାସକବି ଫକୀରମୋହନ ସେନାପତି ୧୮୪୩ ମସିହା ଜାନୁଆରୀ ୧୩ ତାରିଖ ମକର ସଂକ୍ରାନ୍ତି ଦିନ ବାଲେଶ୍ୱର ଜିଲ୍ଲା ମଲ୍ଲିକାଶପୁରଠାରେ ଭୂମିଷ୍ଠ ହୋଇଥିଲେ । ଓଡ଼ିଆ ଜାତୀୟ ସ୍ୱାଭିମାନର ଦିଗଦର୍ଶକ ବ୍ୟାସକବି ଫକୀରମୋହନ ସେନାପତିଙ୍କ ପିତା ଥିଲେ ଲକ୍ଷ୍ମଣ ଚରଣ ସେନାପତି ଓ ମାତା ତୁଳସୀ ଦେଈ। ମାତ୍ର ଦେଢ଼ ବର୍ଷ ହୋଇଥିବା ବେଳେ ତାଙ୍କ ପିତାଙ୍କ ମୃତ୍ୟୁ ହୋଇଥିଲା । ଆଉ ପିତାଙ୍କ ମୃତ୍ୟୁର ମାତ୍ର ୧୪ ମାସ ପରେ ମା' ଇହଲୀଳା ସମ୍ବରଣ କରିଥିଲେ। ଅନାଥ ଫକୀରମୋହନ ନିଜ ଜେଜେମା କୋଚିଲାଦେଈଙ୍କ ଦ୍ୱାରା ପାଳିତ ହେବାକୁ ଲାଗିଲେ। ବାଲ୍ୟାବସ୍ଥାରେ ବିଭିନ୍ନ ରୋଗମାନ ସର୍ବଦା ପୀଡା ଦେବାରୁ ତାଙ୍କ ଜେଜେମା ମହରମ୍ ସମୟରେ ତାଙ୍କୁ ଆଠ ଦିନ ପାଇଁ ଫକୀର କରି ଦେଇଥିଲେ । ଏଣୁ ତାଙ୍କ ନାମ 'ବ୍ରଜ ମୋହନ'ରୁ ବଦଳି 'ଫକୀରମୋହନ' ହୋଇଗଲା ।

ଓଡ଼ିଆ ଭାଷା ଓ ଜାତି ଘୋର ସଂକଟ ଦେଇ ଗତି କରୁଥିବା ସମୟରେ ଏହି ମହାନ ଯୁଗପୁରୁଷଙ୍କ ଆବିର୍ଭାବ ହୋଇଥିଲା। ଇଂରେଜଙ୍କ ସମେତ କିଛି ପଡ଼ୋଶୀ ରାଜ୍ୟ ଓଡ଼ିଆ ଭାଷା ସାହିତ୍ୟକୁ ଲୋପ କରିବାକୁ ଚେଷ୍ଟା କରୁଥିଲେ। ସେତେବେଳେ ବ୍ୟାସକବି ଫକୀର ମୋହନ ସେନାପତି ତ୍ରାଣକର୍ତ୍ତା ସାଜିଥିଲେ। ଉତ୍କଳଭାରତୀଙ୍କର ଅଦୃଶ୍ୟ ଆଶିଷ ତାଙ୍କ ମସୀ ମଧ୍ୟରେ ସଞ୍ଚରିତ ହୋଇଉଠିଲା। ତତ୍କାଳୀନ ଓଡ଼ିଶାର ସାମାଜିକ, ଶିକ୍ଷାଗତ, ସାଂସ୍କୃତିକ, ଅର୍ଥନୈତିକ ଓ ରାଜନୈତିକ ପରିସ୍ଥିତିର ବିଶ୍ୱସ୍ତ ଚିତ୍ରଣ ସହିତ ସେ ଓଡ଼ିଆ ସାହିତ୍ୟ ଜଗତରେ ଯୋଡ଼ି ଚାଲିଲେ ଐତିହାସିକ ଫର୍ଦ୍ଦମାନ । ଓଡ଼ିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ପାଇଁ ଅଣ୍ଟା ଭିଡ଼ିଥିଲେ। ଜାତୀୟ ଶିକ୍ଷାନୀତିରେ କେନ୍ଦ୍ର ସରକାର ଏବେ ଆଞ୍ଚଳିକ ଭାଷାକୁ ଗୁରୁତ୍ୱ ଦେଉଥିବା ବେଳେ ଫକୀର ମୋହନ ସେତେବେଳେ ସେ କଥା ଚିନ୍ତା କରିଥିଲେ। ଓଡ଼ିଆ ସାହିତ୍ୟକୁ ତାଙ୍କର ଥିଲା ଅନନ୍ୟ ଦାନ। ନିଜ ଲେଖନୀ ମୁନରେ ସିଏ ଓଡ଼ିଆ ଭାଷାକୁ ଜୀବନ୍ତ କରି ଗଢି ତୋଳିଥିଲେ ।

ଯେତେବେଳେ ଓଡ଼ିଆ ଜାତି ପଦ୍ୟ ସାହିତ୍ୟରେ ଉତ୍କର୍ଷ ଲାଭ କରିଥିଲା, କିନ୍ତୁ ଗଦ୍ୟ ସାହିତ୍ୟ ଦୃଷ୍ଟିରୁ ଅତି ପଛରେ ଥିଲା ସେତେବେଳେ ଫକୀରମୋହନ କ୍ଷୁଦ୍ର ଗଳ୍ପ ଓ ଉପନ୍ୟାସ ରଚନା କରି ଓଡ଼ିଆ ଗଦ୍ୟ ସାହିତ୍ୟକୁ ନୂତନ ଦିଗଦର୍ଶନ ଦେଇଥିଲେ। ଏହି ଦୃଷ୍ଟିରୁ ତାଙ୍କୁ ଓଡ଼ିଆ ସାହିତ୍ୟର ଯୁଗସ୍ରଷ୍ଟା କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧିରେ ତାଙ୍କର ଅବଦାନ ଏ ଜାତି ପାଇଁ ସର୍ବଦା ଅବିସ୍ମରଣୀୟ ହୋଇ ରହିଛି। ସଂକ୍ରାନ୍ତି ପୁରୁଷ ଫକୀରମୋହନ ସେନାପତିଙ୍କ ବହୁମୁଖୀ ପ୍ରତିଭା ଏବଂ ସେତେବେଳର ସାମାଜିକ ବିକାଶ କ୍ଷେତ୍ରରେ ବଳିଷ୍ଠ ଅବଦାନ ଥିଲା । ଗମ୍ଭୀର ଶବ୍ଦମାଳାକୁ ଗୁନ୍ଥି ଓଡ଼ିଆ ସାହିତ୍ୟକୁ ଅନେକ କାଳଜୟୀ ରଚନା ଭେଟି ଦେଇଛନ୍ତି ଫକୀରମୋହନ ସେନାପତି । ତାଙ୍କ ରଚନାବଳୀ ଯେତେ ସୁନ୍ଦର, ସେତେ ଜଟିଳ ଏଣୁ ବ୍ୟାସକବି ଉପାଧିରେ ଭୂଷିତ ହୋଇଥିଲେ ଓଡ଼ିଶା ମାଟିର ବରପୁତ୍ର । ସାହିତ୍ୟ ଜଗତରେ ଲେଖକ, ଗାଳ୍ପିକ, କବି ଭାବରେ ଏବଂ ସମାଜ ପାଇଁ ଦାର୍ଶନିକ ଓ ସମାଜ ସଂସ୍କାରକ ଭାବେ ବ୍ୟାସକବିଙ୍କର ବଳିଷ୍ଠ ଅବଦାନ ରହିଛି। ସେ ଓଡ଼ିଆ ସାହିତ୍ୟ ଇତିହାସରେ ଜଣେ ଯୁଗସ୍ରଷ୍ଟା ସାରସ୍ୱତ ସାଧକ ରୂପେ ପରିଚିତ।

ଗଳ୍ପ, ଉପନ୍ୟାସ, କବିତା, ପ୍ରବନ୍ଧ, ଆତ୍ମଚରିତ ରଚନା କରି ସ୍ୱକୀୟ ମହିମାରେ ଉଭାସିତ ତଥା ନିଜର ସୃଷ୍ଟି ମର୍ଯ୍ୟାଦାକୁ ବହୁଗୁଣିତ କରାଇ ସଂକ୍ରାନ୍ତି ପୁରୁଷ ଫକୀରମୋହନ ସେନାପତି ବନିଯାଇଥିଲେ ଓଡ଼ିଆ ସାହିତ୍ୟ ଜଗତର କଥାସମ୍ରାଟ ।

ଛ'ମାଣ ଆଠ ଗୁଣ୍ଠ, ମାମୁଁ ଓ ପ୍ରାୟଶ୍ଚିତ ଭଳି କାଳଜୟୀ ରଚନା ସାମାଜିକ ଜୀବନର ବାସ୍ତବଧର୍ମୀ ବ୍ୟବସ୍ଥାର ଛବି ଦେଖାଏ । ଛ' ମାଣ ଆଠ ଗୁଣ୍ଠ, ଭୂମିହୀନ ଚାଷୀର ଶୋଷଣ ଚିତ୍ରକୁ ଗଳ୍ପର ରୂପ ଦେବାରେ ପ୍ରଥମ ଭାରତୀୟ ଉପନ୍ୟାସ । ପେଟେଣ୍ଟ ମେଡ଼ିସିନ, ଡାକମୁନିସୀ ଭଳି ଗଳ୍ପ ଆଜି ମଧ୍ୟ ପାଠକର ହୃଦୟ ବାନ୍ଧି ରଖୁଛି । ୧୮୯୮ରେ ଉତ୍କଳ ସାହିତ୍ୟ ପତ୍ରିକାରେ ପ୍ରକାଶିତ 'ରେବତୀ' ପ୍ରଥମ କ୍ଷୁଦ୍ର ଗଳ୍ପ ଭାବେ ସମାଜରେ ଝିଅର ଶିକ୍ଷାକୁ ନେଇ ପ୍ରଚଳିତ କୁପ୍ରଥାର ଦାରୁଣ ଚିତ୍ର ବଖାଣିଥାଏ । ଫକୀରମୋହନଙ୍କ ଦ୍ୱାରା ରଚିତ 'ଆତ୍ମ ଜୀବନ ଚରିତ' ହେଉଛି ଓଡ଼ିଶାର ପ୍ରଥମ ଆତ୍ମକାହାଣୀ । କ୍ଷୁଦ୍ର ଗଳ୍ପ ଲେଖନୀର ସ୍ରଷ୍ଟା ଫକୀରମୋହନଙ୍କର ରାଣ୍ଡିପୁଅ ଅନନ୍ତା, ସଭ୍ୟ ଜମିଦାର, ସୁନାବୋହୂ, ଅଜାନାତିକଥା, ବଗଲାବଗୁଲି, ଧୂଳିଆବାବା ଓ ପାଠୋଇ ବହୁ ଭଳି ଆହୁରି ବିଭିନ୍ନ ଗଳ୍ପ ରହିଛି ଯାହା ସମାଜର ବାସ୍ତବତାର ଦୃଶ୍ୟ ଆଙ୍କିଥାଏ । ଫକୀରମୋହନଙ୍କର ସାହିତ୍ୟ ପ୍ରତି ଥିବା ଉଲ୍ଲେଖନୀୟ ଅବଦାନ ଦେଖି ମାୟାଧର ମାନସିଂହ ତାଙ୍କୁ ଓଡ଼ିଶାର ଥୋମାସ ହାର୍ଡି ବୋଲି ବର୍ଣ୍ଣନା କରିଥିଲେ । ଓଡିଆ ଭାଷା ପ୍ରତି ଅଭୂତପୂର୍ବ ଅବଦାନ ହେତୁ ବାମଣ୍ଡା ରାଜଦରବାର ତରଫରୁ ତାଙ୍କ ଜୀବନକାଳ ମଧ୍ୟରେ ୧୯୧୬ ମସିହାରେ ତାଙ୍କୁ 'ସରସ୍ୱତୀ' ଉପାଧିରେ ଭୂଷିତ କରା ଯାଇଥିଲା। ନିଜସ୍ୱ ଉଦ୍ୟମରେ ଏକା ସମଗ୍ର ରାମାୟଣ ଓ ମହାଭାରତର ଓଡିଆ ଅନୁବାଦ କରିଥିବା ହେତୁ ଶ୍ରଦ୍ଧାରେ ଲୋକେ ତାଙ୍କୁ 'ବ୍ୟାସକବି' ଉପାଧି ମଧ୍ୟ ଦେଲେ । ତାଙ୍କ ରଚିତ ଲେଖାମାନ ହୋଇଛି କାଳସ୍ପର୍ଶୀ ଓ କାଳଜୟୀ। ତାଙ୍କ ରଚନା ସମଗ୍ର ଭାରତରେ ଏକ ଅନବଦ୍ୟ ସୃଷ୍ଟି ।

ସଂକ୍ରାନ୍ତି ପୁରୁଷ ଫକୀରମୋହନ ସେନାପତି ସୃଷ୍ଟି କରିଥିବା ଏହି ସାରସ୍ୱତ ସମ୍ଭାର ସଂଜୀବନି ସାଜି ମୁମୂର୍ଷୁ ଓଡିଆ ଭାଷାର ପ୍ରାଣକୁ ଦେଲା ନୂତନ ଜୀବନ। ଯେବେ ଓଡ଼ିଆ ଜାତି ନିଜ ଭାଷା ଓ ପରିଚୟ ପାଇଁ ସଂଘର୍ଷର ଯୁଦ୍ଧ କରୁଥିଲା, ସେବେ ନିଜ ଲେଖନୀ ଅସ୍ତ୍ରରେ ସଂଗ୍ରାମକରି ଦୃଢ଼ ନେତୃତ୍ୱ ନେଇ ଓଡ଼ିଆ ଜାତିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ ଫକୀରମୋହନ । ସେ କହିଛନ୍ତି ମାତୃଭାଷାକୁ ହରାଇ କୌଣସି ରାଷ୍ଟ୍ର ଅଗ୍ରଗତି କରିପାରିବ ନାହିଁ । ସାମାଜିକ ଜୀବନରେ ଭୀରୁତା, ଅଶିକ୍ଷା ଓ କୁସଂସ୍କାର ବିରୁଦ୍ଧରେ ତାଙ୍କର ଅଙ୍ଗୀକାରବଦ୍ଧ ସଂଗ୍ରାମ ଓଡ଼ିଆ ଜାତିକୁ ଏକ ନୂତନ ଦିଗ ଦେଖାଇଥିଲା। ଫକୀର ମୋହନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଆସନ୍ନ ବିପଦ ସମୟରେ ଏବଂ ଏହାର ସୁରକ୍ଷା ନିମିତ୍ତ ଜଣେ ଜାଗ୍ରତ ସେନାପତି ଭାବେ ଚିରସ୍ମରଣୀୟ ଓ ବନ୍ଦନୀୟ।

୧୯୧୮ ମସିହା ଜୁନ ମାସ ୧୪ ତାରିଖରେ ରଜ ସଂକ୍ରାନ୍ତି ଅବସରରେ ସେ ଇହଧାମ ତ୍ୟାଗ କରିଥିଲେ । ପବିତ୍ର ମକର ସଂକ୍ରାନ୍ତିରେ ଧରାବତରଣ ଏବଂ ରଜ ସଂକ୍ରାନ୍ତିରେ ଦେହତ୍ୟାଗ କରିଥିବା ଫକୀରମୋହନ ଓଡ଼ିଆଙ୍କ ପାଇଁ ଥିଲେ ସଂକ୍ରାନ୍ତି ପୁରୁଷ। ଓଡ଼ିଆ ଗଦ୍ୟସାହିତ୍ୟର ସେ ଥିଲେ ଅପ୍ରତିଦ୍ୱନ୍ଦ୍ୱୀ ସମ୍ରାଟ । ଓଡ଼ିଆ ଭାଷା ସାହିତ୍ୟର ସେ ଥିଲେ ନିଖୁଣ ବିନ୍ଧାଣି। ଜାତିର କର୍ଣ୍ଣଧାର ଓ ପରମ ନମସ୍ୟ ଏହି ମହାପୁରୁଷଙ୍କ ମହାପ୍ରୟାଣ ତିଥିରେ ମୋର ଗଭୀର ଶ୍ରଦ୍ଧାଞ୍ଜଳି।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୩୯

## ବ୍ୟାସଦେବଙ୍କ ଭବିଷ୍ୟବାଣୀ-୨



ନିତ୍ୟାନନ୍ଦ ପଣ୍ଡା



ଦିନେ ଶକୁନି ପଚାରିଲେ ଦୁର୍ଯ୍ୟୋଧନଙ୍କୁ "କେଉଁ କଥା ମୋର ଭଣଜାଙ୍କୁ ଦୁଃଖିତ କରୁଛି ?"

"ମାମୁ !"- କହିଲେ ଦୁର୍ଯ୍ୟୋଧନ । "ଭାଇମାନଙ୍କ ଗହଣରେ ଯୁଧିଷ୍ଠିର ଇନ୍ଦ୍ରପ୍ରସ୍ଥରେ ଜଣେ ଇନ୍ଦ୍ରଭଳି ରହିଛି । ତାଙ୍କୁ ରାଜାମାନଙ୍କ ସମର୍ଥନ ଦେଖି ମୁଁ ହତବାକ୍ । ଶିଶୁପାଳ ଯେତେବେଳେ ମରିଗଲା, କେଉଁ ରାଜା ତାଙ୍କ ସମର୍ଥନରେ ମୁହଁ ଫିଟେଇଲେ ? ଏହାକୁ ମୁଁ ଈର୍ଷା କରିବିନି ତ କ'ଣ କରିବି !"

ଶକୁନି କହିଲେ, "ଯୁଧିଷ୍ଠିର ତୁମର ଭାଇ । ତାଙ୍କର ସମୟ ଭଲ ଚାଲିଛି । ସେ ଧନସଂପଦ ଓ ଖ୍ୟାତି ଅର୍ଜନ କରିଛନ୍ତି । ତୁମେ କାହିଁକି ଈର୍ଷା କରୁଛ । ତୁମ ପଟରେ ଦ୍ରୋଣ, କୃପାଚାର୍ଯ୍ୟ, ଭୀଷ୍ମ, ଜୟଦ୍ରଥ ଓ ମୁଁ ରହିଛୁ । ତୁମେ ତାହାକୁ ସୌଭାଗ୍ୟ ବୋଲି ଭାବୁନାହଁ କାହିଁକି ?"

ଦୁର୍ଯ୍ୟୋଧନ: ହଁ ମୁଁ ଜାଣେ । ଜାଣେ ଯେ ମୋତେ ସମର୍ଥନ କରିବାକୁ ଅନେକ ଅଛନ୍ତି । ମାମୁ, ତେବେ ଆମେ ଯୁଦ୍ଧକରି ପାଣ୍ଡବମାନଙ୍କୁ ଇନ୍ଦ୍ରପ୍ରସ୍ଥରୁ ତଡିଦେଲେ କେମିତ ହୁଅନ୍ତା !

ଶକୁନି: ନା, ତାହା ଏତେ ସହଜ ନୁହେଁ । ତେବେ ମୋତେ ଅନ୍ୟ ଉପାୟ ଜଣାଅଛି । ଯୁଦ୍ଧ ହେବନାହିଁ, ରକ୍ତ ଝରିବ ନାହିଁ, କିନ୍ତୁ ପାଣ୍ଡବମାନେ ଇନ୍ଦ୍ରପ୍ରସ୍ଥ ଛାଡ଼ିବେ ।

ଦୁର୍ଯ୍ୟୋଧନର ଆଖି ଉଜ୍ଜ୍ୱଳ ହୋଇଉଠିଲା । ସତ ? ବିନା ଯୁଦ୍ଧରେ ମୁଁ ଇନ୍ଦ୍ରପ୍ରସ୍ଥ ପାଇବି ?

"ତୁମ ଯୋଜନା ବିଷୟରେ କୁହନ୍ତୁ ମାମୁ" - ଅଧୈର୍ଯ୍ୟ ଜଣାଗଲେ ଦୁର୍ଯ୍ୟୋଧନ ।

ଶକୁନି: ଯୁଧିଷ୍ଠିରର ପଶାଖେଳ ପ୍ରତି ଆକର୍ଷଣ ପ୍ରବଳ । କିନ୍ତୁ ସେ ଜଣେ କଞ୍ଚା ଖେଳାଳି । ଠିକ୍ ଚାଲ ଜଣାନାହିଁ । ତୁମେ ସେମାନଙ୍କୁ ପଶାଖେଳ ପାଇଁ ଆମନ୍ତ୍ରଣ କରିବ । କ୍ଷତ୍ରିୟ ଭାବେ ସେ ନାହିଁ କରିପାରିବେ ନାହିଁ । ଖେଳ ହେବ । ମୁଁ ତୁମ ତରଫରୁ ଖେଳିବି । ବାଜି ରହିବ ରାଜ୍ୟ ଓ ସଂପଦ । ଦେଖିବ, ଖୁବ୍ ଶୀଘ୍ର ସେମାନେ ଦାଣ୍ଡର ଭିକାରୀ ହୋଇଯିବେ । ହାଃ.... ହାଃ....

ସତେତ ! ଦୁର୍ଯ୍ୟୋଧନର ଖୁସିର ସୀମାନାହିଁ ।

କେଇଦିନ ପରେ ....

ଦୁର୍ଯ୍ୟୋଧନ ଏବଂ ଶକୁନି ରାଜା ଧୃତରାଷ୍ଟ୍ରଙ୍କ ନିକଟରେ ପହଞ୍ଚିଲେ । ଶକୁନି କଥା ଆରମ୍ଭ କଲେ । କହିଲେ, ତୁମର ଜ୍ୟେଷ୍ଠପୁତ୍ର ଦୁର୍ଯ୍ୟୋଧନ ସବୁବେଳେ ଦୁଃଖ ଓ ମନସ୍ତାପରେ ରହୁଚି । ତୁମେ ଜାଣ କି ନାହିଁ ?

ଧୃତରାଷ୍ଟ୍ର, ଦୁର୍ଯ୍ୟୋଧନଙ୍କୁ ଆଲିଙ୍ଗନ କଲେ । କହିଲେ - "ପୁତ୍ର ! ତୁମର ପୁଣି ଦୁଃଖ କ'ଣ ! ମୋ ଅନ୍ତେ ତୁମେ ସିଂହାସନ ପାଇବ । ତୁମର ବିଦ୍ୟାଧ୍ୟୟନ ତୁମକୁ ପ୍ରସିଦ୍ଧ କରିଛି । ତୁମେ ଇଚ୍ଛାକଲେ ସାରା ପୃଥିବୀର ରାଜା ହୋଇପାରିବ । କେଉଁ ଦ୍ରବ୍ୟର ବା ତୁମର ଅଭାବ ? ଦୁଃଖ କେଉଁଥିପାଇଁ ? ମୋତେ ଖୋଲିକରି କୁହ ।"

ଦୁର୍ଯ୍ୟୋଧନ : ସମସ୍ତେ, ଗରିବ ହେଉ କି ଧନୀ, ଯେମିତି ଖାଇ ପିଇ ବଞ୍ଚିଛନ୍ତି ମୁଁ ସେପରି ବଞ୍ଚିଛି । ନୂଆ ଘଟନା ଜୀବନରେ କାହିଁ ! ଅନ୍ୟମାନଙ୍କ ସହ ଯେତେବେଳେ ମୁଁ ନିଜକୁ ତୁଳନା କରୁଛି, ଜାଣିପାରୁଛି ମୁଁ ପଛେଇଯାଇଛି ।

ସେଇଠୁ ସେ ଇନ୍ଦ୍ରପ୍ରସ୍ଥରେ ଯାହା ଦେଖିଆସିଥିଲେ ତାହା ବର୍ଣ୍ଣନା କଲେ ।

ସେମାନଙ୍କର ସଂପଦ ଓ ଖ୍ୟାତି ଦେଖି ମୋର ଈର୍ଷା ହେଉଛି । ମୋର ମନେହେଉଛି, ସେମାନଙ୍କର ଉନ୍ନତି ଘଟିଛି । ଆମେ ପଛେଇ ଯାଇଛୁ । (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ରଥଯାତରା

*କୁଞ୍ଜବିହାରୀ ସାହୁ*

ତିନୋଟି ରଥରେ ତିନୋଟି ଦିଅଁ
ଭକତମାନଙ୍କୁ ଦେଖେଇ ମୁହଁ
ବୁଲି ବାହାରିଲେ ଗୁଣ୍ଡିଚାଘରକୁ
ଯାତରା କରିଲେ ଲଗେଇ ମୋହ ।

ଘିଡ଼ିଘିଡ଼ି ଗଲା ରଥର ଚକ
ଷୋଳ ଚକିଆରେ କଳାଶ୍ରୀ ମୁଖ
ଚଉଦ ଚକରେ ବଳିଆ ଠାକୁର
ବାରୋଟି ଚକରେ ସୁଭଦ୍ରା ମାତ ।

ମାଉସୀ ମା ଘରେ ଅଟକିଗଲେ
ପୋଡ଼ପିଠାଟିକୁ ପାଟିକୁ ନେଲେ
ହସି ହସି ସେଠୁ ଆଗକୁ ଚାଲିଲେ
ଭକତମାନଙ୍କୁ ଦର୍ଶନ ଦେଲେ ।

ଉଠିଲା ପଡ଼ିଲା ଶ୍ରୀକ୍ଷେତ୍ର ପୁରୀ
ବାଟରେ ଶୁଣିଲେ କାହାଳୀ ତୂରୀ
ଭଜନ କୀର୍ତ୍ତନ ଜଣାଣ ଶୁଣିଲେ
ସତେକି ପେଟଟା ଗଲା ଯେ ପୂରି ।

ଭକତ ହାତରୁ ଖାଇଲେ ଭୋଗ
ସତେକି ତାଙ୍କର ଭକତି ଯୋଗ
ତୁଳସୀ ଧଣ୍ଡାକୁ ଖୁସିରେ ଅରପି
ଆଶିଷ ଢାଳିଲେ ହୋଇ ସରାଗ ।

ଠାକୁର କହିଲେ-ଆସରେ ଆସ
ମୋହରି ସାଥିରେ ହସିକି ମିଶ
ରାଗରୁଷା ମାନ ଅଭିମାନ ଭୁଲି
ଭକତି ଭାବରେ କରୁଥା ବଶ ।

ଭକତ ପାଇଁକି ଏ ରଥ ଯାତ
ଯାଉଛୁ ଦେଖିବୁ ଗୁଣ୍ଡିଚା ମାତ
ଜଗତରେ ପରା ହୁରି ପଡ଼ିଲାଣି
ଆହା କି ସୁନ୍ଦର ଏ ଘୋଷ ଯାତ ।

*ପାତ୍ରପଡ଼ା, ଭୁବନେଶ୍ୱର*
*ମୋ-୭୦୦୮୧ ୪୨୦୪୦*

# ଆଗକୁ ଆସୁଛି ରଥ ଯାତରା

*ସୁନୀଲ କୁମାର ପ୍ରଧାନ*

ଆଗକୁ ଆସୁଛି ରଥ ଯାତରା
ଭାଇ ଭଉଣୀକୁ ଧରି କାଳିଆ
ବଡ଼ ଦାଣ୍ଡରେ ଦେବରେ ଧରା ।

ଘଣ୍ଟ ତାଳ ସଙ୍ଗରେ ହରିବୋଲ
ଭକତ ଭାଇ ମୋ ହୁଅନ୍ତି ଠୁଳ
ଜଗା ଯୋଗାଏ ଆମକୁ ବଳ ।

ତାଳଧ୍ୱଜ ଆଉ ଦର୍ପଦଳନ
ନନ୍ଦିଘୋଷେ ବିଜେ ଶ୍ରୀ ନାରାୟଣ
ଦେଖେ ଭକତ ମହା ମିଳନ ।

ବରଷକେ ଥରେ ଆସିଛି ଯାତ
ବିଶ୍ୱ ପ୍ରସିଦ୍ଧ ଏ ଜାଣେ ଜଗତ
ଉଡ଼େ ପତିତପାବନ ନେତ ।

ଚାଲ ଭାଇ ଆମେ ପୁରୀ ଚଳିବା
ମହାପ୍ରଭୁ ବେନି ନେତ୍ରେ ଦେଖିବା
ତାଙ୍କରି ନାମ ତୁଣ୍ଡରେ ନେବା ।

*ଝାଟିପଦର, ପାଲୁର, ଗଂଜାମ*
*ମୋ- ୭୬୦୯୯୩୪୩୬୬*

# ଗଢ଼ିଅଛି ବାଲିରଥ

*ନଳିନୀ ଦାଶ*



ଶିରଧାରେ ଫୁଲ ତୋଳି ମୁଁ ଆଣିଛି
ଆହେ ପ୍ରଭୁ ଜଗନ୍ନାଥ
ଆସିବା ବାଟକୁ ଚାହିଁ ବସିଅଛି
ଗଢ଼ିଅଛି ବାଲିରଥ ।
ତୁଳସୀ ଦୟଣା ମାଳ ଗୁନ୍ଥିଅଛି
ଧୂପ ଦୀପ ଦେବି ଜାଳି
ଭଜନ ଗାଇବି ତୁମ ପାଶେ ବସି
କୁନି ହାତେ ମାରି ତାଳି ।
ଟିକି ହାତେ ମୋର ସଜାଡି ରଖିଛି
ତୁମ ପାଇଁ ଭୋଗଥାଳି
ଘେନ ମୋ ପ୍ରାର୍ଥନା ତବ ଦରଶନ
ଦିଅ ଆହେ ବନମାଳୀ ।
ଟିକି ହାତ ମୋର ଧରି ଚାଲୁଥାଅ
ଦେଖାଅ ସୁଗମ ପଥ
ନିର୍ବୋଧ ଶିଶୁ ମୁଁ କରିଛି ଭରଷା
ଆହେ ପ୍ରଭୁ ଜଗନ୍ନାଥ ।
ସଞ୍ଜ ସକାଳେ ମୁଁ ଭକ୍ତିରେ ଡାକୁଛି
ପ୍ରଣାମ ମୋହର ଘେନ
ମମତା ଡୋରିରେ ବାନ୍ଧି ରଖ ମୋତେ
ଦିଅ ପ୍ରଭୁ ଦିବ୍ୟଜ୍ଞାନ ।
ବାଲି ରଥଗଢ଼ି ଡାକିଥିଲେ ଦିନେ
ଭକ୍ତ ବଳରାମ ଦାସ
ସେ ବାଲି ରଥରେ ଆନନ୍ଦ ଚିତ୍ତରେ
ବିଜେ କରି ହେଲ ତୋଷ ।
ମୁଁ ଡାକୁଛି ପ୍ରଭୁ ହରଷ ଚିତ୍ତରେ
ବାଲିରଥେ ବିଜେ କର
ଡାକୁଅଛି କେତେ କାନ ଡେରି ଶୁଣ
କୁନି ଭକତ ତୁମର ।
ଜୟ ଜଗନ୍ନାଥ ଜୟ ଜଗନ୍ନାଥ
ଡାକୁଥିବି ନିତିଦିନ
ଡାକ ମୋର ଶୁଣି ଦେଖା ଦେଉଥିବ
ଆହେ ପ୍ରଭୁ ଭଗବାନ ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ମୋ-୯୨୩୮୯୯୬୬୪୯*

# ଆସରେ ଯିବା ଶିରୀ କ୍ଷେତର...



*ରାମଚନ୍ଦ୍ର ବେହେରା*

ଆସରେ ଯିବା ଶିରୀ କ୍ଷେତର
ରଥ ଯାତରା ଦେଖି
ରଥରେ ଦେଖି ତିନି ଦିଅଁଙ୍କୁ
ଆଖି ଯିବରେ ଲାଖି ।
ତିନି ରଥରେ ଭାଇ ଭଉଣୀ
ଦେବେରେ ଦରଶନ
ରଥ ଦଉଡି ଟାଣିବା ଆମେ
ମିଳିବ କୋଟି ପୂଣ୍ୟ ।
ନଅ ଦିନର ଏଇ ଯାତରେ
ମାଉସୀ ଘରେ ରହି
ପୋଡପିଠାକୁ ସରାଗେ ଖାଇ
ଫେରିବେ ଭାବଗ୍ରାହୀ ।
ଛୁଆଁ ଅଛୁଆଁ ଭେଦ ଭାବକୁ
ତେଜି ଶ୍ରଦ୍ଧାଳୁ ଜନେ
ବଡଦାଣ୍ଡରେ ହୋଇବେ ମେଳ
ଦିଅଁଙ୍କ ଦରଶନେ ।
ଘଣ୍ଟ କାହାଳୀ ମୃଦଙ୍ଗ ତୂରୀ
ଶୁଭିବ ହୁଳହୁଳି
ହରିବୋଲକୁ ତୁଣ୍ଡରେ ଗାଇ
ମାରିବେ ଭକ୍ତ ତାଳି ।
ରଥ ଯାତରା ଆମ ଗୌରବ
ଆମରି ପରମ୍ପରା
ଆସରେ ଯିବା ଶିରୀ କ୍ଷେତର
ଟାଣିବା ରଥ ପରା ।

*ତେନ୍ତୁଳିପଦା, ଜଗତସିଂହପୁର*
*ମୋ-୭୩୫୫୬୩୪୩୪୬*

# ଘୋଷଯାତ ...

*ନଗେନ୍ଦ୍ର ନାଥ ପଟ୍ଟନାୟକ*

ରତ୍ନବେଦୀ ଛାଡି ବିଜେ ହେବେ
ରଥେ ଦାରୁବ୍ରହ୍ମ ତିନିଦିଅଁ
କଳା ଠାକୁରଙ୍କ ଦରଶନ ପାଇଁ
ଛୁଟିବ ଭକତ ସୁଅ ।
ବିଶ୍ୱ ବିଖ୍ୟାତ ଘୋଷଯାତ ପରା
ଆସିଛି ବର୍ଷକେ ଥରେ
ବଡଦାଣ୍ଡେ ଭିଡ ଭକତ ଜନଙ୍କ
ଦେଖିବାକୁ ନେତ୍ରଡୋଳେ ।
ଆଶାଢେ ଶୁକଳ ଦ୍ୱିତୀୟା ତିଥିରେ
ବିରାଜିବେ ଜଗା ରଥେ
ଭାବର ଠାକୁର ଯାତରା କରିବେ
ପୁଣ୍ୟ ଶ୍ରୀଗୁଣ୍ଡିଚା ପଥେ ।
ଭେରୀ ତୂରୀ ଘଣ୍ଟ ମୃଦଙ୍ଗରେ ତାଳେ
ବଡଦାଣ୍ଡ କମ୍ପୁଥିବ
ଭକତିରେ ଭୋଳ ଭକତେ ସଭିଏଁ
ବୋଲିବେ ପ୍ରଭୁଙ୍କ ସ୍ତବ ।
ବଡଦାଣ୍ଡ ଧୂଳି ମାଥେ ପରେ ମାଖି
ଭକ୍ତ ନେବେ ରଜ୍ଜୁ ଟାଣି
ଜନମ ବେଦୀକୁ ବାହୁଡ଼ିବ ଜଗା
ଭାଇ ଭଉଣୀକୁ ଘେନି ।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,*
*ଓଡ଼ିଶା ସରକାର, ଓସ୍କାର ସିଟି,*
*ଲେନ୍ ନଂ-୯, ପ୍ଲଟ ନଂ-୪୫୬*
*ଲକ୍ଷ୍ମୀ ସାଗର କେନାଲ ରୋଡ,*
*ମୋ-୯୪୩୮୩୩୨୧୩୮*





# ଆମେ ରଥଯାତ୍ରା କରିବା

*ନିରଞ୍ଜନ ସାହୁ*

ଆସ ଆସ ଭାଇଭଉଣୀ
ଆମେ ରଥ ଗଢ଼ିବା
ସୁନ୍ଦର ଭାବରେ ସଜାଇ
ଦୁଇ ପାଦ ବଢ଼ିବା ।
ନଡ଼ିଆ କତାର ଦଉଡି
ଆମେ କିଣି ଆଣିବା
ରଥରେ ବାନ୍ଧିକି ଭକ୍ତିରେ
ଆମେ ରଥ ଟାଣିବା ।
ନୂଆ ପହଁରାଟେ କିଣିକି
ରଖିଥିବା ନିହାତି
ରାଜାଙ୍କ ପୋଷାକ କିଣିବା
ଟିକେ ଦେଖି ରିହାତି ।
ନିମନ୍ତ୍ରଣ ପତ୍ର ଛାପିକି
ବଣ୍ଟାବଣ୍ଟି କରିବା
କୀର୍ତ୍ତନ ମଣ୍ଡଳୀ ଡାକିକି
ଆମେ ନାମ ଧରିବା ।
ଡାକବାଜି ଯନ୍ତ୍ର ବାଜିବ
ରୁଣ୍ଡ ହେବେ ସମସ୍ତେ
ଭକ୍ତି ଭାବନାରେ ହଜିବେ
କହୁଥିବେ ନମସ୍ତେ ।
ଭାଗବତ ଗାଦୀ ପାଖରୁ
ଏହି ରଥ ଗଡିବ
ଗାଦୀରୁ ଆଣିବା ଠାକୁର
ହରିବୋଲ ପଡିବ ।
ଚତୁର୍ଦ୍ଧାମୂରତି ଅଛନ୍ତି
ତହିଁ କୁନି ରୂପରେ
ପୂଜା ପାଉଛନ୍ତି ସେଇଠି
ନିତି ତିନି ଧୂପରେ ।
ମନୁଆ ଭାଇଙ୍କୁ ବରିବା
ଗଜପତି କରିକି
ସେ କରିବେ ଛେରା ପହଁରା
ସୁନାଝାଡୁ ଧରିକି ।
ମଙ୍ଗଳା ମାଆଙ୍କ ପୀଠରେ
ପୋଡ଼ପିଠା ଖୋଇବା
ଗାଆଁ କୋଠଘରେ ନେଇକି
ଚାରି ଦିଅଁ ଥୋଇବା ।
ଗାଆଁ କୋଠଘର ହୋଇବ
ଗୁଣ୍ଡିଚାଙ୍କ ନବର
ସେହିଠାରେ ପୂଜା ଚାଲିବ
ନଅ ଦିନ ଜବର ।
ବାହୁଡ଼ା ଦିନରେ ଠାକୁରେ
ପୁଣି ଗାଦୀ ଫେରିବେ
ରଥ ଟାଣିବାକୁ ଭକତେ
ପୁଣି ଆସି ଘେରିବେ ।
ଗାଁ ଦାଣ୍ଡେ ଗଡିବ ରଥଟି
ଛୋଟ ଛୋଟ ଚକରେ
ଲୋକେ ଆଲୋଚନା କରିବେ
ବସି ଗାଆଁ ଛକରେ ।

*ନିହଲ ପ୍ରସାଦ, ଗଁଦିଆ ପାଟଣା,*
*ଢେଙ୍କାନାଳ- ୭୫୯୦୧୬*
*ମୋ- ୯୯୩୮୭୪୧୫୮୩*

# ରଥ ଯାଏ ଗଡି ଗଡି

*ପ୍ରଫୁଲ୍ଲ କୁମାର ସାହୁ*



କଟର କଟର କଟର କଟ
ଢାଉଁ ଢାଉଁ ଢାଉଁ ବାଜୁଛି ଘଣ୍ଟ
ରଥ ଯାଏ ଗଡି ଗଡି,
ଶରଧା ବାଲିରେ ରଥ ପହଞ୍ଚିବ
ଭକତ ନିଅନ୍ତି ଭିଡି ।୧।
ବାଜୁ ଅଛି ଢୋଲ ବାଜେ କାହାଳୀ
ବଡ଼ଦାଣ୍ଡ ଦେଖ ପଡ଼େ ଉଛୁଳି
ଡାହୁକ ହଲାଏ ବେତ,
ଭକତ ମେଳରେ ରଥ ଗଡିଯାଏ
ନେତ ଦେଖାଉଛି ପଥ ।୨।
ତିନି ରଥେ ଚାରି ଠାକୁର ବସି
ରଙ୍ଗା ଅଧରରେ ଅଳପ ହସି
ଚଉଦିଗେ ଦେଖ ଚାହିଁ,
ଜଗତର ନାଥ ଦିଅନ୍ତି ଆଶିଷ
ସେ ପରା ଜଗତ ସାଇଁ ।୩।
ଆସ ଦେଖିଯିବା ଗୁଣ୍ଡିଚା ଯାତ
ସାରା ଜଗତରେ ଏ ଯାତ ଖ୍ୟାତ
ବରଷକେ ଥରେ ଆସି,
ବଡ଼ ଦାଣ୍ଡେ ରଥ ଦଉଡ଼ି ଛୁଇଁଲେ
ସତେ ଲାଗେ କେତେ ଖୁସି ।୪।
ପ୍ରଭୁ ଜଗନ୍ନାଥ ଜଗତ୍ ସାଇଁ
ତୁଳନା ତାଙ୍କର ନାହିଁରେ ନାହିଁ
ରଥରେ ଦେଖିବା ପାଇଁ,
କାହିଁ କେତେ ଦୂରୁ ଆସନ୍ତି ଭକତ
ଦେଖରେ ବାଇଆ ହୋଇ ।୫।
ଜନମ ବେଦୀ ଯେ ରହିଛି ଚାହିଁ
ଜଗା ସାଥେ ଆସି ଭଉଣୀ ଭାଇ
ବରଷ କେ ନଅ ଦିନ,
ଗୁଣ୍ଡିଚା ମନ୍ଦିରେ ଦେବେ ଦରଶନ
ଦେଖି ଭକ୍ତ ହେବେ ଧନ୍ୟ ।୬।

*ଯଦୁ-ମାଳତୀ କୃପା ନିବାସ, ଶକ୍ତି*
*ବିହାର/ବାଲିପଡ଼ା, ମାହାଙ୍ଗା, କଟକ*
*ମୋ- ୭୬୦୯୦୪୪୩୮୩*

# ଘୋଷଯାତ ଆସିଲା

*ନୀଳମଣି ଚାନ୍ଦ*





ଖଣ୍ଡଖଣ୍ଡ କଳା ମେଘ ଆକାଶରେ ଭାସିଲା
ଆମେ ଯିବୁ ଘୂରି ପୁରୀ ଘୋଷଯାତ ଆସିଲା ।
କେଉଁ ଯାତ ନଅ ଦିନ ନାହିଁ ତା'ର ଭଳିଆ
ତିନି ରଥେ ବସିଥିବେ ଜଗା, ସୁଭା, ବଳିଆ ।
ଚଢ଼ିବେରେ ରଥକୁ ସେ ପହଣ୍ଡିଟି କରିକି
ଗଜପତି ଓଳେଇବେ ହାତେ ଛେରା ଧରିକି ।
ଶୁଭୁଥିବ ହରିବୋଲ ହୁଳହୁଳି ପରାରେ
ବଡ଼ଦାଣ୍ଡ ହୋଇଥିବ ଭକତରେ ଭରାରେ ।
ଶରଧାବାଲିରେ ଯାଇ ଅଟକିବ ରଥଟି
ରଥ ଟାଣିଲେ ପୂରିବ ସଭିଁ ମନୋରଥଟି ।
ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିର ଏ ପରବ
ଓଡ଼ିଆ ହୋଇ ଆମେରେ କରିବାଟି ଗରବ ।
ଶ୍ରୀ ଗୁଣ୍ଡିଚା, ରଥ ଯାତ, ଘୋଷଯାତ ଇଏରେ
ବିଶ୍ୱରେ ଏ ଯାତ ନାମ ନ ଜାଣଇ କିଏରେ ?
ବଡ଼ଦାଣ୍ଡେ ଭାରି ଭିଡ଼ ଯାଇ ରଥ ଦେଖିବା
ଜୟ ଜଗନ୍ନାଥ କହି ଦୁଇ ହାତ ଟେକିବା ।
ରଥ ପରି ପ୍ରଗତିର ରଥ ଯାଉ ଗଡ଼ିରେ
ଶାନ୍ତି ପ୍ରୀତି ମୈତ୍ରୀ ଯାଉ ଧରାରେ ତ ବଢିରେ ।

*୨୭, ମନ୍ତ୍ର ମାନୋର, ଗୋପାଟଣା, ଭୁବନେଶ୍ୱର-୨୯*
*ମୋ-୯୫୮୩୨୦୨୩୫୭*

# ତୁମ ତୂଳୀରୁ ...



ଉପମିତା ଦାସ, ଶ୍ରେଣୀ-୪ର୍ଥ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ଦଶରଥପୁର, ଯାଜପୁର



# ମୋ କୁନି ରଥ

*ସୁଧାକର ରାଉତ*

ଆଗକୁ ଆସୁଛି ରଥ ଯାତରା
ଭାବି କୁନୁ ମୁନୁ ଖୁସି
ଏବେଠୁ କୁନି ରଥ ତିଆରିରେ
ଲାଗିଛନ୍ତି ହସି ହସି ।

ଚଇତ ଯାତରୁ ତିନୋଟି ମୂର୍ତ୍ତି
କିଣି ଆଣିଥିଲେ ସିଏ
ରଥେ ତାଙ୍କୁ ପୂଜା କରିବା ପାଇଁ
ମନଟା ଉଚ୍ଛନ୍ନ ହୁଏ ।

ମୁନି ଠାକୁରଙ୍କ ପାଇଁ ପୋଷାକ
କେତେ ଯତନରେ କରି
ସୁନ୍ଦର ବେଶୀ ଦେଖାଯିବା ପାଇଁ
ଲଗାଇଛି ତହିଁ ଜରି ।

ମିନାକ୍ଷୀ ତୋଳିଛି ନାନା ଜାତି ଫୁଲ
ଆହା କେତେ ଯତ୍ନ କରି
ଶରଧା ସୂତାରେ ଗୁନ୍ଥିବ ତାହାକୁ
ମନେ ଭକ୍ତି ଭାବ ଭରି ।

ଆଷାଢ଼ର ଦ୍ୱିତୀୟାରେ ଗାଁ ଦାଣ୍ଡେ
ଟାଣି ନେଲା ବେଳେ ରଥ
ହରିବୋଲ ହୁଳହୁଳି ଶବଦରେ
କମ୍ପିଯିବ ପରା ପଥ ।

କୁନି ରଥ ବୋଲି ଭାବିବେନି କେହି
ଭକତିରେ ହୋଇ ଭୋଳ
ମାଗୁଣି ନିଜର ଜଗତନାଥଙ୍କୁ
ଜଣାଇବେ ହୋଇ ଠୁଳ ।

*ପ୍ରତାପ ନଗରୀ, କଟକ*
*ମୋ- ୮୨୪୯୯୩୨୭୯୨*

# ମଥାଟେକି ସଦା ବାଟ ଚାଲିବା

*ସୁରମା ମିଶ୍ର*



ଯାଇଥିଲି ଫୁଲବାଣୀ ମୁଁ ଦିନେ
ସେହି ସ୍ମୃତିଟିକୁ ରଖିଛି ମନେ
ପୂତୁଡ଼ି ନାମେ ସେ ଝରଣା ଦେଖି
ଆଖି ଯୋଡ଼ାକ ମୋ ରହିଲା ଲାଖି ॥

ଝର ଝର ଝର ସେ ବହି ଯାଏ
କୁଳୁକୁଳୁ ନାଦେ ଗୀତଟି ଗାଏ
କେତେ ନିରିମଳ ତା ସ୍ୱଚ୍ଛଜଳ
ଶୁଭ୍ର ଶ୍ୱେତ ରଙ୍ଗ ଦିଶେ ଉଜ୍ଜ୍ୱଳ ॥

ସ୍ରୋତଟି ତ ତାର ଭାରି ପ୍ରଖର
ନିଜ ରାସ୍ତା ନିଜେ କରେ ବାହାର
ବିରାଟ ବିରାଟ ପଥର କାଟି
ଆଗକୁ ଆଗକୁ ଯାଏ ସେ ଛୁଟି ॥

ବାଧାବିଘ୍ନ କିଛି ସେ ମାନେ ନାହିଁ
ଏତିକି ତା ଠାରୁ ଶିଖରେ ଭାଇ
ତା ପରି ଯଦିରେ ହୋଇପାରିବା
ସବୁ ବାଧାବିଘ୍ନ ଦୂରେଇ ଦେବା ॥

ପଛକଥା ସବୁ ପଛରେ ଛାଡି
ପାଦ ପକାଇବା ଆଗକୁ ମାଡି
ନିଜ ବୁଦ୍ଧି ବଳେ ହୋଇବା ବଡ
ତେବେ ଯାଇ ଆମେ ଜିଣିବା ଗଡ ॥

ନିଜ ଶିଙ୍ଗେ ନିଜେ ମାଟି ତାଡ଼ିବା
ଦେଶ ଦୁନିଆକୁ ଦେଖାଇ ଦେବା
ଆମ ସ୍ୱାଭିମାନ ଆମେ ରଖିବା
ମଥା ଟେକି ସଦା ବାଟ ଚାଲିବା ॥

କାନେ କାନେ ସିଏ କହି ଦିଏରେ
ଆମ୍ଭ ନିର୍ଭରଶୀଳଟି ହୁଅରେ
ନିଜପଥ ନିଜେ ବାଛିଣ ନିଅ
କାହା ଉପରେ ନିର୍ଭର ନ ହୁଅ ॥

*ବିଏଲ ୩୯, ଭିଏସଏସ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଦେଖି ଯିବା ରଥ ଯାତରା

*କୀର୍ତ୍ତନ ସାହୁ*

ଆସି ଅଛି ଏବେ ପୁରୀ ଶ୍ରୀକ୍ଷେତ୍ରରେ
ରଥ ଯାତ୍ରା ବଡ ପରବ
ସାରା ବିଶ୍ୱରେ ଏ ଯାତଟି ପ୍ରସିଦ୍ଧ
ଏହା ହିଁ ତ ଆମ ଗରବ ।
ଆଷାଢ ମାସର ଶୁକ୍ଳ ଦ୍ୱିତୀୟାରେ
ଏହି ପର୍ବ ପଡ଼ିଥାଏଟି
କୋଟି କୋଟି ଲୋକ ଚାହିଁ ରହିଥାନ୍ତି
ତିନି ରଥ ଟଣା ଯାଏଟି ।
ରଥ ପରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କୁ
ଦେଖି ଦେଲେ ଥରେ ଆଖିରେ
ପାପ ତାପ ସବୁ ଦୂର ହେଇ ଯାଏ
ପ୍ରଭୁ ରହିଥାନ୍ତି ସାକ୍ଷୀରେ ।
ତିନି ରଥେ ତିନି ଠାକୁରଙ୍କୁ ସିନା
ଦେଖି ହୁଏ ଭାଗ୍ୟ ବଳେରେ
ଯିଏ ନ ଦେଖିଛି ଏମିତି ବେଳାରେ
ହୃଦୟ ତା ସିନା ଜଳେରେ ।
ଚାଲ ଆମେ ଯିବା ରଥ ଯାତରାରେ
ବଡ ଦାଣ୍ଡେ ରଥ ଦେଖିବା
ଇଚ୍ଛା ପୂର୍ଣ୍ଣ ହେବ ହୃଦୟେ ଆମର
ଅଲିଭା ଗାରକୁ ଲେଖିବା ।

*ମିଶ୍ର କଲୋନୀ, ଶାଳପଡ଼ା, କେନ୍ଦୁଝର*
*ଦୂରଭାଷ- ୯୪୩୮୪୧୪୭୦୧*

ଭୁବନେଶ୍ୱର
୨୬ ଜୁନ୍,
ଗୁରୁବାର,୨୦୨୫

RNI Regd. No. : 52640/94
Postal Regd. No. : BN/60/25-27


# ୩ ରଥରେ ୨୭ ପାର୍ଶ୍ୱଦେବତା ସ୍ଥାପନ : ବୁଲିଲା ଠେକରା ବାଡ଼



**ପୁରୀ,୨୫/୦୬ ନ୍ୟୁଜ ବ୍ୟୁରୋ**

ଆଉ ମାତ୍ର କିଛି ସମୟ ପରେ ରଥକୁ ବିଜେ ହେବ ଆଜ୍ଞା ମାଳ। ଏଣୁ ରଥ ନିର୍ମାଣରେ ଶେଷ ସ୍ୱର୍ଶ ଦେଉଛନ୍ତି କାରିଗର। ମଙ୍ଗଳବାର ରଥରେ ପାର୍ଶ୍ୱଦେବତାଙ୍କୁ ସ୍ଥାପନ କରାଯାଇଛି। ୩ ରଥରେ ୨୭ ପାର୍ଶ୍ୱଦେବାଦେବୀ ବିଜେ ହୋଇଛନ୍ତି । ରଥରେ ପ୍ରଥମେ ଶିଖରଡମ୍ବରୁ ଲଗାଗଲା। ସେଥିରେ ପାର୍ଶ୍ୱଦେବାଦେବୀଙ୍କୁ ସ୍ଥାପନ କରାଗଲା। ବୁଧବାର ରଥରେ ଠେକରା ବାଡ଼ ବୁଲିଛି। ଏନେଇ ଦେବଦଳନ ରଥ ମୁଖ୍ୟ ବିଶ୍ୱକର୍ମା ନାରାୟଣ ମହାରଣା ସୂଚନା ଦେଇଛନ୍ତି। କୋଠସୁଆଁସିଆ ସେବକମାନେ ରଥରେ କନା ମଣ୍ଡଣି କାର୍ଯ୍ୟରେ ଲିପ୍ତ ରହିଛନ୍ତି। ଏହାପରେ ସେମାନେ ପିଉଳ ସାଜ ଲଗାଇବେ । ରଥର ବ୍ରେକ୍ ମରାମତି ଜାରି ରହିଛି। ବ୍ରେକ୍ କାଠର ଖତରା ଅଂଶ ହଣା ଯାଇ ନୂଆ କାଠ ଯୋଡ଼ି ସେଥିରେ ରବର ପ୍ଲେଟ୍ ଦେଇ ଲୁହା କଣ୍ଟା ବାଡ଼ିଆ ଯାଉଛି । ରଥରେ ଧ୍ୱଜବତା ଲଗା ସରିଛି । ଦୁଆରଘଡ଼ି ଉପରେ ଲାଗିଥିବା ଧ୍ୱଜବତାରେ ଲାଗିବ ରଥ ଆଜ୍ଞାମାଳ । ଅଶ୍ୱ ଲାଗିବା ପାଇଁ ଇଶ ଓ ଜୁଆଳି ପ୍ରସ୍ତୁତ । ପୂର୍ବରୁ ରଥ ସମ୍ମୁଖରେ ଚାରପରିଛା କାଠ ଲାଗିଥିଲା। ଏହା ଉପରେ ଦୁଇଟି ଇଶ ଲାଗିବ। ଇଶର ବେକରେ ଜୁଆଳି ଲାଗିବ। ଜୁଆଳିରେ ଅଶ୍ୱଙ୍କୁ ଲଗାଯିବ। ୩ ରଥର ୧୨ ଅଶ୍ୱଙ୍କୁ ରଙ୍ଗ ଦେଇ ପ୍ରସ୍ତୁତ କରିଛନ୍ତି ଚିତ୍ରକର । ସେପଟେ ରଥ ସିଂହାସନ କାମ ଶେଷ ପର୍ଯ୍ୟାୟରେ। ବିଶ୍ୱକର୍ମାମାନେ ପଟା ବାଡ଼େଇ ସିହାଂସନ ବୁଜିଛନ୍ତି। ପୂର୍ବରୁ ଧମକ ଉପରେ ଜଗତପୃଷ୍ଠଶେଣୀ ରଖିଥିଲେ। ତା'ଉପରେ ପଟା ପଡ଼ି ସିଂହାସନ ପରିଛା ପଡ଼ିଲା । ଏହାପରେ ପଟା ପଡ଼ି ଚକା ପଡିବ ଚକା ବେଦିରେ ।

# ପୁରୀରେ ମାଗଣା ସେବା ଦେବେ ୨୦୦ ଅଟୋ ଓ ୩୬ ବସ୍

**ପୁରୀ,୨୫/୦୬ ନ୍ୟୁଜ ବ୍ୟୁରୋ**

ଅଣସର ଘରେ ସୁସ୍ଥ ପରେ ମହାପ୍ରଭୁଙ୍କର ବନକଲାଗି ନୀତି ଦଉ ମହାପାତ୍ର ସେବାୟତଙ୍କ ଦ୍ୱାରା ସମ୍ପନ୍ନ ହୋଇଥିବା ବେଳେ ଗୁରୁବାର ସକାଳୁ ନେତ୍ରୋତ୍ସବ ଏବଂ ନବଯୌବନ ଦର୍ଶନର ସାନ୍ନିଧ୍ୟ ଲାଭ କରିବେ ଭକ୍ତ । ଗୁରୁବାର ସକାଳ ୬ଟାରେ ଚକାଅପସର, ୬ଟା ୧୦ରେ ମଙ୍ଗଳଆଳତୀ, ମଇଲମ, ଅବକାଶ ଓ ସାଢେ ୭ଟାରେ ଦଶଅବତାର ଠାକୁର ବାହୁଡା ବିଜେ, ସକାଳ ୮ଟାରେ ଅଣସର ତାଟି ଓ ପଟିଦିଅଁ ବିସର୍ଜନ ହେବ। ତା'ପରେ ଆରମ୍ଭ ହେବ ଭିତରକାଠ ନିକଟରେ ପରମାଣିକ ଦର୍ଶନ । ଏହା ପ୍ରାୟ ୯ଟା ପର୍ଯ୍ୟନ୍ତ ଚାଲିବ । ଏଥିସହ ରଥଯାତ୍ରା ପାଇଁ ପୁଲିସ ପ୍ରସ୍ତୁତି ଶେଷ ହୋଇଥିବା ବେଳେ ରଥଯାତ୍ରାରେ ଶ୍ରଦ୍ଧାଳୁମାନଙ୍କୁ ପୁରୀ ସହର ଭିତରେ ମାଗଣା ପରିବହନ ସେବା ଯୋଗାଇ ଦିଆଯିବା ପାଇଁ ପରାମର୍ଶ ଦିଆଯାଇଛି। ବାହାର ରାଜ୍ୟ ତଥା ବାହାର ଜିଲ୍ଲାରୁ ଆସୁଥିବା ଶ୍ରଦ୍ଧାଳୁମାନେ ବସ୍‌ଷ୍ଟାଣ୍ଡ ଓ ରେଳଷ୍ଟେସନରେ ପହଞ୍ଚି ଯେଉଁଭଳି ସମସ୍ୟା ନ ଭୋଗିବେ ସେଥିପାଇଁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଅଟୋ, ବସ୍ ଯୋଗେ ସେମାନଙ୍କୁ ସହର ନିକଟସ୍ଥ ବିଭିନ୍ନ ସ୍ଥାନକୁ ଅଣାଯିବ। ଏଥିପାଇଁ ପରିବହନ ବିଭାଗ ପକ୍ଷରୁ ୨୦୦ଟି ଅଟୋ ଏବଂ ୩୬ଟି ବସ୍ ଚାଲିବ। ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନାବେଶରେ ଏହି ଅଟୋ ଏବଂ ବସ୍‌ରେ ଶ୍ରଦ୍ଧାଳୁମାନଙ୍କୁ ମାଳତିପାଟପୁର ଏବଂ ତାଳବଣିଆ ବସ୍‌ଷ୍ଟାଣ୍ଡରୁ ଅଣାଯିବ। ଏହି ସେବା ସମ୍ପୂର୍ଣ୍ଣ ଦେୟମୁକ୍ତ ରହିବ। ଏହି ୩ ଦିନରେ ଅନ୍ୟ ବ୍ୟବସାୟିକ ଅଟୋ ନଚଲାଇବାକୁ କୁହାଯାଇଛି। ବ୍ୟବସାୟିକ ଅଟୋ ଚାଲିଲେ ଗଳିକନ୍ଦିରେ ଭିଡ଼ ହେବା ସହ ରାସ୍ତା ଜାମ୍ ହେଉଛି । ଏଣୁ ଏହାକୁ ପ୍ରତିହତ କରିବା ପାଇଁ ପରିବହନ ବିଭାଗ ପକ୍ଷରୁ ଏହି ସେବା ପ୍ରଦାନ କରାଯିବ । ସମସ୍ତ ଟୁରିଷ୍ଟ ବସ୍ ମାଳତିପାଟପୁରରେ ପାର୍କିଂ ହେବ । ସେହିଭଳି ଗୁଣ୍ଡିଚା ଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନାବେଶ କଟକ, ଭୁବନେଶ୍ୱର, ନିରାକାରପୁର, ନିମାପଡ଼ା ପଟୁ ଆସୁଥିବା ବସ୍ ମାଲତୀପାଟପୁର ଫ୍ଲାଏ ଓଭର ଦେଇ ତାଳବଣିଆକୁ ଯାଇ ସେଠାରେ ପାର୍କିଂ ହେବ। ଏହି ଦିବସକୁ ଛାଡ଼ି ଅନ୍ୟ ଦିନମାନଙ୍କରେ ବସ୍ ସବୁ ଗୁଣ୍ଡିଚା ମନ୍ଦିର ନିକଟ ପୌରପାଳିକା ବସ୍‌ଷ୍ଟାଣ୍ଡରେ ରହିବ। ଏସବୁର ସୁପରିଚାଳନା ପାଇଁ ପୁରୀ ଆରଟିଓ ଅଫିସରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯିବ । ତାଳବଣିଆରେ ଯାତ୍ରୀଙ୍କ ପାଇଁ ଏକ ବୃହତ ଅସ୍ଥାୟୀ ବିଶ୍ରାମ କକ୍ଷ ନିର୍ମାଣ କରାଯିବ। ଏଥିରେ ୫୦୦୦ରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ପାଇଁ ରହିବା ବ୍ୟବସ୍ଥା ହେବ । ଏମାନଙ୍କ ପାଇଁ ଖାଦ୍ୟ, ପାନୀୟ ଏବଂ ଶୌଚାଳୟର ବ୍ୟବସ୍ଥା ମଧ୍ୟ କରାଯିବ । ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ପରିବହନ ବିଭାଗର ସ୍ୱତନ୍ତ୍ର ୪ଟି ସ୍କ୍ୱାଡ୍ ସହରରେ ବୁଲିବେ। ଏମାନେ ନିୟମିତ ଭାବେ ଗାଡ଼ି ମୋଟରର ଯାଞ୍ଚ କରିବେ। ମଦ୍ୟପ ଚାଳକ, ଓଭର ସ୍ପିଡ୍, ଓଭର ଲୋଡିଂ ଗାଡ଼ିଗୁଡିକ ପ୍ରାଥମିକତାର ସହ ଯାଞ୍ଚ ହେବ। ଏନ୍‌ଏଚ୍‌ରେ କୌଣସି ଦୁର୍ଘଟଣା ହେଲେ ତତ୍କ୍ଷଣାତ ରାସ୍ତା ଖାଲି କରିବା ପାଇଁ ଏନ୍‌ଏଚ୍‌ର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କ୍ରେନ୍ ସହ ଅଧିକାରୀମାନେ ନିୟୋଜିତ ରହିବେ ।



# ମୂଳ ବାସିନ୍ଦାଙ୍କୁ ଶିମିଳିପାଳ ପୂଜାସ୍ଥଳ ଅନୁମତି ମାମଲା : ହାଇକୋର୍ଟଙ୍କ ଜବାବ ତଲବ



**କଟକ, ୨୫/୦୬ ନ୍ୟୁଜ ବ୍ୟୁରୋ**

ଶିମିଳିପାଳ ସନ୍ନିକଟ ପୂଜା ସ୍ଥଳକୁ ଯିବା ପାଇଁ ଅଞ୍ଚଳବାସୀଙ୍କୁ ଅନୁମତି ମିଳିବା ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟ ନୋଟିସ ଜାରି କରିଛନ୍ତି । ଜଣିକିଆ ବିଚାରପତି ମାର୍ଚ୍ଚ ୨୭ର ରାୟ ବିରୋଧରେ ଦାୟର ହୋଇଥିବା ରିଟ୍ ପିଟିସନ ଏକତ୍ର ଶୁଣାଣି କରି ନୋଟିସ ଜାରି କରିଛନ୍ତି କୋର୍ଟ। ଏହି ମାମଲାରେ କେନ୍ଦ୍ର ସରକାର, ରାଜ୍ୟ ସରକାର, ପିସିସିଏଫ (ବନ୍ୟପ୍ରାଣୀ), ମୟୂରଭଞ୍ଜ ଜିଲ୍ଲାପାଳ, ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନ ଉପନିର୍ଦ୍ଦେଶକ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ଫିଲ୍ଡ ନିର୍ଦ୍ଦେଶକ, ବାରିପଦା ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କୁ କୋର୍ଟ ନୋଟିସ୍ ଜାରି କରିଛନ୍ତି । ନନ୍ଦି ହୋ, ମଙ୍ଗା ହୋ ଓ ଗମା ହୋଙ୍କ ଆବେଦନ (ରିଟ୍ ଅପିଲ)ର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ । ଆସନ୍ତା ଜୁଲାଇ ୨୧କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି । ଶିମିଳିପାଳ ଜଙ୍ଗଲରେ ବାଘୁଣୀ ଜିନ୍ନତ ପାଇଁ ଏନକ୍ଲୋଜର ନିର୍ମାଣ କରାଯାଇଛି । ଏହି କାରଣରୁ ଏହା ସନ୍ନିକଟ ପୂଜାସ୍ଥଳକୁ ଯିବାକୁ ଅଞ୍ଚଳର ମୂଳ ବାସିନ୍ଦାଙ୍କୁ ଅନୁମତି ମିଳୁ ନାହିଁ । ଏହାକୁ ବିରୋଧ କରି ଦାୟର ମାମଲାରେ ହାଇକୋର୍ଟ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରୀଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା। ମାମଲାର ବିବରଣୀରୁ ଜଣା ପଡ଼ିଛି ଯେ, ସଂପୃକ୍ତ ଆଦିବାସୀମାନେ ଜଙ୍ଗଲ ଭିତରେ ଥିବା ନିର୍ଦ୍ଦିଷ୍ଟ ପୂଜାସ୍ଥଳକୁ ଯିବା ଆସିବା କରିବା ସହ ସେଠାରେ ପାରମ୍ପରିକ ରିତିନୀତିରେ ପୂଜା କରି ଆସୁଥିଲେ । ୨୦୨୪, ଜାନୁଆରୀ ୧୦ରେ ସେଠାକୁ ସଶସ୍ତ୍ର ସୁରକ୍ଷା ବଳ ସହ ମାତ୍ର ୬ ଜଣଙ୍କୁ ଯିବାକୁ ଅନୁମତି ମିଳିଥିଲା। କିନ୍ତୁ ୨୦୨୫ ଜାନୁଆରୀରେ ସେହି ପୂଜା ପାଇଁ ସେମାନଙ୍କୁ ଆଉ ଅନୁମତି ମିଳି ନଥିଲା । ସେମାନେ ନ୍ୟାୟ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାର୍ଚ୍ଚ ୨୭ରେ ହାଇକୋର୍ଟର ଜଣିକିଆ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାରେ ହସ୍ତକ୍ଷେପ କରିବାକୁ ମନା କରିଥିଲେ । ମାର୍ଚ୍ଚ ୨୭ର ଏହି ରାୟକୁ ଚାଲେଞ୍ଜ କରି ଦୁଇ ଜଣିଆ ଖଣ୍ଡପୀଠରେ ଆବେଦନକାରୀ ଏହି ରିଟ୍ ପିଟିସନ ଦାୟର କରିଥିଲେ ।

## ମୁଖ୍ୟ ଶାସନ ସଚିବଙ୍କୁ ମାସେ ଭିତରେ ରିପୋର୍ଟ ଦେବାକୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

# ବାହାର ଠିକାଦାରଙ୍କୁ ଠାବ କର

**ଭୁବନେଶ୍ୱର, ୨୫/୦୬ ନ୍ୟୁଜ ବ୍ୟୁରୋ**

ବାହାର ଠିକାଦାରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଟାର୍ଗେଟ୍ । ୧୦ ବର୍ଷର ଫାଇଲ୍ ଖୋଜି ଇଞ୍ଜିନିୟରିଂ କାମ କରୁଥିବା ଆଉଟ୍‌ସୋର୍ସିଂ ସଂସ୍ଥାକୁ ଠାବ କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖି ରିପୋର୍ଟ ମାଗିଛନ୍ତି ମୁଖ୍ୟମନ୍ତ୍ରୀ। ସରକାରଙ୍କ ନିଜସ୍ୱ ଇଞ୍ଜିନିୟରିଂ ବିଭାଗ ଏବଂ ଦକ୍ଷ ଇଞ୍ଜିନିୟର ଥାଉଥାଉ କାହିଁକି ଆଉଟ୍‌ସୋର୍ସିଂ ସଂସ୍ଥାକୁ କାମ ଦିଆଯାଇଛି ବୋଲି ପ୍ରଶ୍ନ କରିଛନ୍ତି ।



ମୁଖ୍ୟମନ୍ତ୍ରୀ ଚିଠିରେ ସ୍ପଷ୍ଟ ଭାବେ ଲେଖିଛନ୍ତି ଯେ, ଆମର ଯାନ୍ତ୍ରିକ ବିଭାଗ ଗୁଡ଼ିକରେ ସର୍ଭେ, ଅନୁସନ୍ଧାନ, ଡିଜାଇନ, ଏଷ୍ଟିମେଟ୍ ଆଦି ପ୍ରାରମ୍ଭିକ କାର୍ଯ୍ୟଗୁଡ଼ିକ ପାଇଁ ସ୍ୱତନ୍ତ୍ର ଉପବିଭାଗ ଅଛି। କିଛି ବର୍ଷ ପୂର୍ବରୁ ସରକାରୀ ଯନ୍ତ୍ରୀମାନେ ଏ ସମସ୍ତ କାମ ତୁଲାଉଥିଲେ। ଏବେ କାହିଁକି ଆଉଟ୍‌ସୋର୍ସିଂ ମାଧ୍ୟମର ଅଭ୍ୟୁଦୟ ହେଲା ବୋଲି ପ୍ରଶ୍ନ କରିଛନ୍ତି ମୁଖ୍ୟମନ୍ତ୍ରୀ। ବିଗତ ୧୦ ବର୍ଷ ଭିତରେ କେଉଁ ବିଭାଗକୁ, କେଉଁ ବେସରକାରୀ ସଂସ୍ଥାଗୁଡ଼ିକୁ ଆଉଟ୍‌ସୋର୍ସିଂ ମାଧ୍ୟମରେ କେଉଁ ପ୍ରକାର କାମ ଦିଆଯାଇଛି, ତା'ର ତଥ୍ୟ ସଂଗ୍ରହ କରାଯାଇ ସମୀକ୍ଷା କରିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଛନ୍ତି ମୁଖ୍ୟମନ୍ତ୍ରୀ ।

## ବାସହୀନଙ୍କୁ ଜମି ଦେବେ ସରକାର

# ଡିସେମ୍ବର ୩୧ ସୁଦ୍ଧା ଚିହ୍ନଟ ପାଇଁ ସବୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୬।୬ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଜଣେ ହେଲେ ବି କେହି ବାସହୀନ ରହିବେ ନାହିଁ। ଏହି ଲକ୍ଷ୍ୟ ନେଇ ରାଜସ୍ୱ ବିଭାଗ ପକ୍ଷରୁ ଏବେ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ପୂର୍ବ ସରକାର ବାସହୀନଙ୍କୁ ନେଇ ଯେଉଁ ସର୍ଭେ କରିଥିଲା ତାହାର ସଂଜ୍ଞା ବଦଳାଯାଇ ନୂତନ ସଂଶୋଧିତ ବାସହୀନ ସଂଜ୍ଞା ଅନୁଯାୟୀ ପୁନର୍ବାର ବାସହୀନ ଚିହ୍ନଟ କରିବାକୁ ସରକାରଙ୍କ ପକ୍ଷରୁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଜାରି ହୋଇଛି। ସରକାରଙ୍କ ନିର୍ଦ୍ଦେଶକ୍ରମେ ଚଳିତବର୍ଷ ଡିସେମ୍ବର ସୁଦ୍ଧା ବାସହୀନ ଚିହ୍ନଟ ପ୍ରକ୍ରିୟା ଶେଷହେବ। ଏ ସଂକ୍ରାନ୍ତରେ ରାଜସ୍ୱ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓରଞ୍ଜନ କୁମାର ସିଂ ସବୁ ଜିଲ୍ଲାପାଳଙ୍କୁ ଚଳିତମାସରେ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି ଯେ,



ରାଜ୍ୟ ସରକାର ଏବେ ବାସହୀନଙ୍କୁ ଥଇଥାନ କରିବା ପାଇଁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ରାଜ୍ୟର ସମସ୍ତ ଗ୍ରାମାଞ୍ଚଳରେ କେତେ ବାସହୀନ ରହିଛନ୍ତି, ସେମାନଙ୍କୁ ଚିହ୍ନଟ କରିବାର ଆବଶ୍ୟକ ରହିଛି। ଏହାପରେ ସେମାନଙ୍କୁ 'ବସୁନ୍ଧରା'ରେ ସାମିଲ କରାଯିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ପୂର୍ବ ନିଷ୍ପତ୍ତି ଅନୁଯାୟୀ, ୨୦୨୪ ଅଗଷ୍ଟ ୧୬ରୁ ବାସହୀନଙ୍କ ସର୍ଭେ କରାଯାଇଥିଲା। ଏହି କାର୍ଯ୍ୟ ଅକ୍ଟୋବର ୩୦ ପର୍ଯ୍ୟନ୍ତ ଚାଲିଥିଲା। ସର୍ଭେ ପରେ ବାସହୀନଙ୍କୁ ବସୁନ୍ଧରାରେ ସାମିଲ କରାଯାଉଛି। ତେବେ ସଂପ୍ରତି ରାଜ୍ୟ ସରକାରଙ୍କ ପକ୍ଷରୁ ବାସହୀନଙ୍କ ସଂଜ୍ଞାରେ ଏକ ସଂଶୋଧନ କରାଯାଇଛି। ସଂଶୋଧନ ପରେ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ବର୍ତ୍ତମାନ ଜଣେ ବ୍ୟକ୍ତି ବାସହୀନ କହିଲେ, ଏକ ଏକର ଜମି(୧/୨୫ ପ୍ରତିଶତ)ରୁ କମ୍‌କୁ ବୁଝାଯିବ।
ବାସହୀନ ବ୍ୟକ୍ତିଙ୍କ ପାଇଁ ଯେଉଁ ପରିମାଣର ଜମି ସରକାର ଯୋଗାଇବେ ତାହା ଏପରି ହେବା ଉଚିତ୍ ଯେ, ସେ ବ୍ୟକ୍ତି ତାଙ୍କ ନିଜ ଗୃହଯୋଗ୍ୟ ଜମି ଓ ତାଙ୍କ ସାଙ୍ଗରେ ଥିବା ପରିବାର ଲୋକଙ୍କ ଗୃହଯୋଗ୍ୟ ଜମିକୁ ମିଶାଇ ମୋଟ ୧/୨୫ ଏକରକୁ ଅତିକ୍ରମ କରୁ ନ ଥିବ। ଯଦି ଅପେକ୍ଷିତ ଜମି ଉପଲବ୍ଧ ନାହିଁ, ତେବେ ଉପଲବ୍ଧତା ଅନୁଯାୟୀ ଭାଗବାଣ୍ଟି ହେବ। ସେହିପରି ନିୟମ ୭(୩)ର ଅନୁଯାୟୀ, ବାସହୀନ ବ୍ୟକ୍ତିଙ୍କୁ ଯେଉଁ ଜମି ଦିଆଯିବ, ସେହି ଜମି ଉତ୍ତରାଧିକାରଯୋଗ୍ୟ କିନ୍ତୁ ବ୍ୟବହାରଯୋଗ୍ୟ ହୋଇ ପାରିବ ନାହିଁ। ନୂତନ ସଂଶୋଧନ ଫଳରେ ଅଧିକ ବ୍ୟକ୍ତି ବାସହୀନ ବୋଲି ଚିହ୍ନଟ ହେବେ ଓ ସେମାନେ ଜମି ପାଇଁ ଯୋଗ୍ୟହେବେ। ଗ୍ରାମାଞ୍ଚଳରେ ଥିବା ବାସହୀନ ପରିବାରଗୁଡ଼ିକ ଅନୁସୂଚିତ ନିୟମ ଅନୁଯାୟୀ ଚିହ୍ନଟ ହେବେ। ବାସହୀନ ଚିହ୍ନଟ ସମ୍ପୂର୍ଣ୍ଣ ହେବାର ଅବଧି ୩୧ ଡିସେମ୍ବର ୨୦୨୫ ରଖାଯାଇଛି। ଏହି ସମୟ ମଧ୍ୟରେ ନୂତନ ଚିହ୍ନଟ ଓ ପୁରୁଣା ତାଲିକାରେ ଥିବା ବ୍ୟକ୍ତିଙ୍କୁ ଜମି ବଣ୍ଟନ ପ୍ରକ୍ରିୟା ଚାଲୁରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ରଥଯାତ୍ରାରେ ହୋଟେଲ ବୁକିଂ ଆଳରେ ଶ୍ରଦ୍ଧାଳୁଙ୍କୁ ଲୁଟୁଛନ୍ତି ସାଇବର ଠକ

**କଟକ,୨୫।୬ ନ୍ୟୁଜ ବ୍ୟୁରୋ**

ରଥଯାତ୍ରା ସମୟରେ ସାଇବର ଠକ ସକ୍ରିୟ ହୋଇଛନ୍ତି । ଜାଲ ୱେବସାଇଟ କରି ହୋଟେଲ ବୁକିଂ ନାରେ ଶ୍ରଦ୍ଧାଳୁଙ୍କୁ ଠକୁଛନ୍ତି। ଏନେଇ ପୋଲିସ ପାଖରେ ଅଭିଯୋଗ ଆସିବା ପରେ କ୍ରାଇମ ବ୍ରାଞ୍ଚ ସାଇବର ସେଲ ସକ୍ରିୟ ହୋଇଛି। ଇଣ୍ଟରନେଟରେ ଥିବା ପ୍ରାୟ ୧୧ଟି ଜାଲ ହୋଟେଲ ବୁକିଂ ୱେବସାଇଟକୁ ହଟାଯାଇଛି। ବିଭିନ୍ନ ସୂତ୍ରରୁ ପୋଲିସକୁ ଏଭଳି ୩୧୭ଟି ଠକେଇ ଅଭିଯୋଗ ଆସିଥିଲା। ସେହି ଆଧାରରେ ସାଇବର ସେଲ ତତ୍ପରତା ଦେଖାଇଛି। ଅନ୍ୟପଟେ ଏକ ନିର୍ଦ୍ଦେଶାବଳି ମଧ୍ୟ ଜାରି ହୋଇଛି। କିଛି ପ୍ରତିଷ୍ଠିତ ୱେବସାଇଟରେ ହୋଟେଲ ବୁକ୍ କରିବା, ଟଙ୍କା ପୈଠ ପୂର୍ବରୁ ଫୋନ କରି ହୋଟେଲ ସହ କଥା ହେବା, ହୋଟେଲ ଭଡା ଅଧା ପୈଠ କରିବା, ୟୁପିଆଇରେ ନ ଦେଇ ଇଣ୍ଟରନେଟ ବ୍ୟାଙ୍କିଂରେ ଦେବା, ଶସ୍ତାରେ ରୁମ୍ ଦେଉଥିଲେ ତାଠାରୁ ଦୂରେଇ ରହିବା, ୱେବସାଇଟରୁ ରିଭ୍ୟୁ ଓ ରେଟିଂ ଯାଞ୍ଚ ପାଇଁ ପରାମର୍ଶ ଦିଆଯାଇଛି।


DSPL-145

## ରଥଯାତ୍ରା ସମୟରେ

### ସ୍ୱାସ୍ଥ୍ୟରକ୍ଷା ସମ୍ବନ୍ଧୀୟ ମାର୍ଗଦର୍ଶିକା

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ଚଳିତ ବର୍ଷ ଜୁନ୍ ୨୭ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୭ ତାରିଖରେ ଶେଷ ହେବ । ଏହି ସମୟରେ ପୁରୀ, କେନ୍ଦ୍ରାପଡ଼ା, ବାରିପଦା, କେଉଁଝର, କୋରାପୁଟ ଆଦି ପ୍ରମୁଖ ସ୍ଥାନମାନଙ୍କରେ ପ୍ରବଳ ଜନସମାଗମ ହେବ । ବର୍ଷା ଦିନ ଆସିଯାଇଥିବାରୁ ବିଭିନ୍ନ ସଂକ୍ରାମକ ରୋଗର ଆଶଙ୍କା ଏ ବର୍ଷ ଅଧିକ ଥିବାର ଅନୁଭୂତ ହେଉଛି । ଏଥିରୁ ରକ୍ଷା ପାଇବା ପାଇଁ ନିମ୍ନ ଲିଖିତ ସତର୍କତା ଗୁଡିକ ପାଳନ କରିବା ବିଧେୟ ।

- ପିଇବା ପାଇଁ ଫୁଟାପାଣି/ ବ୍ଲିଚିଂ ପାଉଡର ଦ୍ୱାରା ବିଶୋଧିତ ପାଣି/ ହାଲୋଜେନ୍ ବଟିକା ଦ୍ୱାରା ବିଶୋଧିତ ପାଣି ବ୍ୟବହାର କରନ୍ତୁ
- ଖାଇବା ପୂର୍ବରୁ, ଖାଦ୍ୟ ରାନ୍ଧିବା ପୂର୍ବରୁ ଏବଂ ଶୌଚ ହେବା ପରେ ଭଲଭାବରେ ସାବୁନରେ ହାତ ଧୁଅନ୍ତୁ
- ଖୋଲା ବିକ୍ରି ହେଉଥିବା ଖାଦ୍ୟ /ବାସି ଖାଦ୍ୟ/ପଚା ଫଳମୂଳ/ ଦହିବରା, ଗୁପଚୁପ, ସରବତ୍, ଲସି ଆଦି ଗ୍ରହଣ କରନ୍ତୁ ନାହିଁ
- ଝାଡ଼ା କାଶ, ଜ୍ୱର, ଝାଡ଼ା କିମ୍ବା ବାନ୍ତି ଆଦି ଲକ୍ଷଣ ଥିବା ବ୍ୟକ୍ତି, ବୟୋବୃଦ୍ଧ, ଭିନ୍ନକ୍ଷମ, ଗୁରୁତର ଅସୁସ୍ଥ ଥିବା ବ୍ୟକ୍ତି ଭିଡ଼ ମଧ୍ୟକୁ ନଆସି ଟିଭି ମାଧ୍ୟମରେ ରଥଯାତ୍ରା ଦେଖନ୍ତୁ
- ଖରା ହେଉଥିଲେ ମୁଣ୍ଡରେ ଟୋପି / ଓଦା ଗାମୁଛା ବ୍ୟବହାର କରନ୍ତୁ
- ରାତ୍ର ରହଣି ଥିଲେ ଶୋଇବା ବେଳେ ମଶାରି ବ୍ୟବହାର କରନ୍ତୁ
- ଅସୁସ୍ଥ ଅନୁଭବ କଲେ ନିକଟସ୍ଥ ଆଶୁ ଚିକିତ୍ସା କେନ୍ଦ୍ରରେ ପରାମର୍ଶ କରନ୍ତୁ
- ଆମ୍ବୁଲାନ୍ସ ସେବା ପାଇଁ ୧୦୮ ଏବଂ ସ୍ୱାସ୍ଥ୍ୟ ସୂଚନା ପାଇଁ ୧୦୪ କୁ ଦେୟମୁକ୍ତ ଫୋନ୍ କରନ୍ତୁ

OIPR-10003/13/0216/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
http://www.health.odisha.gov.in/
@HFWOdisha


# ଆଇସ୍‌କ୍ରିମ୍ କାଠି ଓ ତୁଳସୀ ମାଳିରେ ନିର୍ମିତ ନନ୍ଦିଘୋଷ

**ଭୁବନେଶ୍ୱର, ୨୬/୬ ନ୍ୟୁଜ ବ୍ୟୁରୋ**

ଆଇସ୍‌କ୍ରିମ୍ କାଠି ଓ ତୁଳସୀ ମାଳିରେ ତିଆରି ହୋଇଛି କୁନି ନନ୍ଦିଘୋଷ। ଆଉ ଏହି କୁନି ନନ୍ଦିଘୋଷକୁ ବିଜେ ହୋଇଛନ୍ତି ସ୍ୱୟଂ ଜଗନ୍ନାଥ। ପୁରୀ ସହରର ସିଦ୍ଧମହାବୀର ନିକଟ କୁମୁଡ଼ି ପାଟଣାର ବିଶ୍ୱଜିତ ନାୟକ ଏହି କୁନି ନନ୍ଦିଘୋଷ ତିଆରି କରିଛନ୍ତି। ଆଇସ୍‌କ୍ରିମ୍ କାଠି, ତୁଳସୀ ମାଳି ଏବଂ ଅଠା ବ୍ୟବହାର କରି ସେ ନିଖୁଣ ଭାବରେ ଏକ କ୍ଷୁଦ୍ର ରଥ ତିଆରି କରିଛନ୍ତି। ଏହାର ଉଚ୍ଚତା ୮ ଇଞ୍ଚି ଏବଂ ପ୍ରସ୍ଥ ୭ ଇଞ୍ଚି ରହିଛି। ଏହି କୁନି ରଥ ତିଆରି କରିବାକୁ ବିଶ୍ୱଜିତ ୧୭୫ଟି ଆଇସକ୍ରିମ୍ କାଠି ଏବଂ ୫୫୧ଟି ତୁଳସୀ ମାଳି ବ୍ୟବହାର କରିଛନ୍ତି। ଏହି ରଥ ତିଆରି କରିବାକୁ ତାଙ୍କୁ ୬ ଦିନ ସମୟ ଲାଗିଛି। ୨୪ ବର୍ଷୀୟ ବିଶ୍ୱଜିତ ନାୟକ ଭୁବନେଶ୍ୱରସ୍ଥିତ ଏକ ଘରୋଇ କଲେଜରେ ଇଂଜିନିୟରିଂ ଛାତ୍ର। ସେ ବି.ଟେକ୍ ଅଧ୍ୟୟନ କରୁଛନ୍ତି। ରଥଯାତ୍ରା ଆସିଲେ, ପାଠ ପଢ଼ାରୁ ଟିକିଏ ବାହାର ଦୁନିଆକୁ ଚାଲି ଆସିଥାନ୍ତି। କିଛିବର୍ଷ ହେଲା ସେ ରଥାକୃତି ପ୍ରସ୍ତୁତ କରୁଛନ୍ତି। ତାଙ୍କର କଳାକୃତି ଜନମାନସରେ ଗ୍ରହଣୀୟ ହୋଇପାରିଛି। ବିଶ୍ୱଜିତ ୨୦୨୦ରେ ପ୍ରଥମେ ନନ୍ଦିଘୋଷ ରଥାକୃତି ପ୍ରସ୍ତୁତ କରିଥିଲେ। ଏହା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଥିଲା। ସେହି ରଥାକୃତିରେ ମଧ୍ୟ ଆଇସକ୍ରିମ୍ କାଠି ବ୍ୟବହାର ହୋଇଥିଲା। ୨୦୨୧ରେ ମଧ୍ୟ ଆଇସକ୍ରିମ କାଠିରୁ ରଥାକୃତି ପ୍ରସ୍ତୁତ କରିଥିଲେ। ୨୦୨୩ରେ ହାଇଦ୍ରାବାଦରେ ଥିବା ବେଳେ ମଧ୍ୟ ସେ ରଥାକୃତି ପ୍ରସ୍ତୁତ କରିଥିଲେ। ସେ କଳା ମାଧ୍ୟମରେ ଓଡ଼ିଶାର ସଂସ୍କୃତିକୁ ପ୍ରଦର୍ଶନ କରିବାର ଲକ୍ଷ୍ୟ ରଖିଛନ୍ତି।



## ବର୍ଷକୁ ଦୁଇଥର ହେବ ସିବିଏସ୍‌ଇ ଦଶମ ବୋର୍ଡ ପରୀକ୍ଷା

# ପ୍ରଥମ ବାଧ୍ୟତାମୂଳକ, ଦ୍ୱିତୀୟ ଇଚ୍ଛାଧୀନ

**ନୂଆଦିଲ୍ଲୀ, ୨୬/୦୬**

ସିବିଏସଇ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ବର୍ଷକୁ ଦୁଇଥର ଅନୁଷ୍ଠିତ ହେବ । ପରୀକ୍ଷାର ପ୍ରଥମ ପର୍ଯ୍ୟାୟ ଫେବୃୟାରୀରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ମେ'ରେ ହେବ। ପ୍ରଥମ ପର୍ଯ୍ୟାୟର ଫଳାଫଳ ଏପ୍ରିଲରେ ଏବଂ ଦ୍ୱିତୀୟ ପର୍ଯ୍ୟାୟ ଜୁନ୍‌ରେ ଆସିବ। ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ କେବଳ ଥରେ କରାଯିବ। ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ବୋର୍ଡ ପରୀକ୍ଷାର ପ୍ରଥମ ପର୍ଯ୍ୟାୟରେ ଯୋଗ ଦେବା ବାଧ୍ୟତାମୂଳକ, ଦ୍ୱିତୀୟ ପର୍ଯ୍ୟାୟ ଇଚ୍ଛାଧୀନ ହେବ ।

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ୨୦୨୬ରୁ ବର୍ଷକୁ ଦୁଇଥର ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ପରିଚାଳନା କରିବାକୁ ଯାଉଛି । ପରୀକ୍ଷା ନିୟନ୍ତ୍ରକ ସଂୟମ ଭରଦ୍ୱାଜ ଏହା ସ୍ପଷ୍ଟ କରିଛନ୍ତି। ସିବିଏସଇର ନୂତନ ନିୟମ ଅନୁଯାୟୀ, ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଥମ ବୋର୍ଡ ପରୀକ୍ଷାରେ ଯୋଗଦେବା ବାଧ୍ୟତାମୂଳକ ହେବ । ଦ୍ୱିତୀୟ ଥର ଆୟୋଜିତ ପରୀକ୍ଷାରେ ଯୋଗଦେବା ଛାତ୍ରଛାତ୍ରୀଙ୍କ ପାଇଁ ଇଚ୍ଛାଧୀନ ।

ବୋର୍ଡ ସ୍ପଷ୍ଟ କରିଛି ଯେ, ଛାତ୍ରଛାତ୍ରୀମାନେ ପରୀକ୍ଷାର ଗୋଟିଏ କିମ୍ବା ଉଭୟ ପର୍ଯ୍ୟାୟରେ ପରୀକ୍ଷା ଦେଲେ ମଧ୍ୟ ଆଭ୍ୟନ୍ତରୀଣ ମୂଲ୍ୟାଙ୍କନ କେବଳ ଥରେ କରାଯିବ। ଏହି ବ୍ୟବସ୍ଥା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ସୁଯୋଗ ପ୍ରଦାନ କରିବା ହେଉଛି ସିବିଏସଇର ଲକ୍ଷ୍ୟ। ଯାହା ଦ୍ୱାରା ସେମାନେ ସେମାନଙ୍କ ପ୍ରସ୍ତୁତି ଅନୁସାରେ ଭଲ ପ୍ରଦର୍ଶନ କରିପାରିବେ ଏବଂ ସେମାନଙ୍କର ଚାପ ମଧ୍ୟ ହ୍ରାସ ପାଇବ ।

# ସୁସ୍ଥ ହେଉଛନ୍ତି ବିଜେଡି ସୁପ୍ରିମୋ : ସଂତୃପ୍ତ ମିଶ୍ର

**ନୂଆଦିଲ୍ଲୀ, ୨୫/୦୬**

ସୁସ୍ଥ ହେଉଛନ୍ତି ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସୂଚନା ଦେଇଛନ୍ତି ନବୀନଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର । ଆଶା କରାଯାଉଛି, ଖୁବ୍‌ଶୀଘ୍ର ଆଇସିୟୁରୁ ସାଧାରଣ କକ୍ଷକୁ ଆସିବେ ନବୀନ । ଏହି ସୂଚନା ଦେଇ ସଂତୃପ୍ତ ମିଶ୍ର କହିଛନ୍ତି, ନବୀନ ପଟ୍ଟନାୟକ ଭଲ ଭାବରେ କଥା ହେଉଛନ୍ତି । ଓଡ଼ିଶା ବିଷୟରେ ପଚାରୁଛନ୍ତି । ଯୁଦ୍ଧ ବିଷୟରେ ମଧ୍ୟ ପଚାରି ବୁଝୁଛନ୍ତି । ଯେଉଁଭଳି ସୁସ୍ଥ ହେଉଛନ୍ତି ମହାପ୍ରଭୁଙ୍କ ଆଶୀର୍ବାଦ ରହିଲେ ୪ ରୁ ୫ ଦିନ ଭିତରେ ଓଡ଼ିଶା ଫେରି ଆସିବେ ବୋଲି ଆଶା ଥିବା କହିଛନ୍ତି ସଂତୃପ୍ତ ମିଶ୍ର ।